

# ଭୁବନେଶ୍ୱର ସିଟି

# ଏଣିକି ଘର ଜଗିବ 'ବାହାଦୁର'

■ ବିନା ଇଣ୍ଟରନେଟ୍‌ରେ ମୋବାଇଲକୁ ଆସିବ ଆଲର୍ଟ
■ ଖୁବ୍‌ଶୀଘ୍ର ଡିଭାଇସ୍ ଲଞ୍ଚ କରିବ କମିସନରେଟ୍ ପୁଲିସ
■ ଘରକଣା କଲେ ଦୁଇଥର ବାଜିବ ସତର୍କ ଘଣ୍ଟି

ଭୁବନେଶ୍ୱର, ୨୦।୨(ସମିସ):

ଏଣିକି ଘର ଜଗିବ 'ବାହାଦୁର'। ସହରରେ ବଢୁଥିବା ଲୁଟ୍‌ରୁ ମିଳିବ ମୁକ୍ତି। ଆପାର୍ଟମେଣ୍ଟ ଓ ବନ୍ଦ ଘରୁ ଲୁଟ୍ କରିବା ଲାଗି ଯୋଜନା କରୁଥିବା ଲୁଟେରାଙ୍କ ଧରିବ ମୋବାଇଲ ଆପ୍। ବନ୍ଦ ଘରେ ଚୋର ପଶିଲେ ମୋବାଇଲକୁ ଫୋନ୍ କଲ୍ ଆସିବ। ବିନା ଇଣ୍ଟର୍‌ନେଟରେ ବି ଡିଭାଇସ୍ ସହ ଲିଙ୍କ୍ ରହିଥିବା ମୋବାଇଲ ଫୋନ୍‌କୁ ଆଲର୍ଟ ଆସିବ। ଏହି ଡିଭାଇସ୍ ବିଷୟରେ ପୁଲିସ କମିସନର୍ ସଞ୍ଜିବ ପଣ୍ଡା ସୂଚନା ଦେବାପରେ କ'ଣ ଏହି ମୋବାଇଲ ଆପ୍ ତାକୁ ନେଇ ଚର୍ଚ୍ଚା ଜୋର୍ ଧରିଥିଲା। ତେବେ କ'ଣ ଏହି ଡିଭାଇସ, ଚୋର ଘରେ ପଶିଲେ କେମିତି ମୋବାଇଲକୁ ଫୋନ କଲ୍ ଆସିବ। ସେନେଇ ପରୀକ୍ଷଣ ପରେ ସାମ୍ନାକୁ ଆସିଛି ଡିଭାଇସର ପୂରା ଚିତ୍ର। ଖୁବଶୀଘ୍ର ଏହି ଡିଭାଇସ୍‌କୁ ଆରମ୍ଭ କରିବାକୁ ଯୋଜନା କରିଛି କମିସନରେଟ୍ ପୁଲିସ। ଏହି ଡିଭାଇସ୍ ବିଷୟରେ ବିଭିନ୍ନ ଆପାର୍ଟମେଣ୍ଟର ସୋସାଇଟି ସହ ବିସ୍ତୃତ ଭାବେ ଆଲୋଚନା ସରିଛି। ଘର ମାଲିକମାନେ ଏହି ଡିଭାଇସ୍‌କୁ କିଭଳି ବ୍ୟବହାର କରିବେ, ତାକୁ ନେଇ ପ୍ରକ୍ରିୟା ଆରମ୍ଭ ହୋଇଛି।

ଗତ କିଛିଦିନ ଧରି ଆପାର୍ଟମେଣ୍ଟର ଫ୍ଲାଟ୍ ଓ ବନ୍ଦ ଥିବା ଘରଗୁଡ଼ିକରୁ ଚୋରିକୁ ନେଇ ଚିନ୍ତାରେ ପଡ଼ିଥିଲା ପୁଲିସ। ଏହାକୁ ରୋକିବାକୁ ଭୁବନେଶ୍ୱରର ଯୁବ ଇଞ୍ଜିନିୟର ଆର.କେ ପଣ୍ଡା ଏହି ଡିଭାଇସ୍ ତିଆରି କରିଛନ୍ତି। ଯାହାର ନାମ ରଖିଛନ୍ତି ବାହାଦୂର। ବନ୍ଦ ଘରେ ଚୋର କିମ୍ବା ସନ୍ଦିଗ୍ଧ ପଶିଲେ ଏହି ମେସିନ ଘର ମାଲିକକୁ ଫୋନ କରି ଆଲର୍ଟ କରିବ। ଯେଉଁମାନେ ଘର ଛାଡ଼ି ବାହାରକୁ ବୁଲିବାକୁ ଯାଉଛନ୍ତି, ସେମାନେ ଏହି ଡିଭାଇସ୍ ଘରେ ଲଗେଇଲେ ଘରୁ ଚୋରି ହେବାର ଭୟ ଦୂର ହେବ। ଏହି 'ବାହାଦୂର' ଡିଭାଇସକୁ ଘରର ଭିତରେ ପଟୁ କବାଟ କିମ୍ବା ଝରକା ପାଖରେ ଲାଗିବ। ଡିଭାଇସ ବାହାଦୂରରେ ଗୋଟିଏ ସିମ୍ କାର୍ଡ ରହିବ। ଯେଉଁଥିରେ ୫ଟି ନମ୍ବର ସେଭ୍ କରି ହେବ। ଏହି ଡିଭାଇସରେ ସେଭ୍ ରହିଥିବା ନମ୍ବରକୁ ଦୁଇଥର ଲେଖାଏଁ କଲ୍ ଆସିବ। ଫଳରେ ଘର ମାଲିକ ସତର୍କ ହେବା ସହ ଆଗୁଆ ପଦକ୍ଷେପ ନେଇପାରିବେ। ସେହିପରି ଘରେ ଏକ ସାଇରନ ମେସିନ୍ ବି ଲାଗିବ। ଏହି ସାଇରନ୍ ମେସିନ ଡିଭାଇସ୍ ସହ ଲିଙ୍କ୍ ରହିବ। ଯଦି କୌଣସି ସମୟରେ ଚୋର ଘରର କବାଟ କିମ୍ବା ଝରକା ଭାଙ୍ଗିବାକୁ ଉଦ୍ୟମ କଲେ ଘରର ସାଇରନ୍ ବାଜିବା ସହ ଲିଙ୍କ୍ ରହିଥିବା ଫୋନ୍ ଥରି ଉଠିବ। ଅନୁରୂପ ଭାବେ କେବଳ କବାଟ କିମ୍ବା ଝରକା ଭାଙ୍ଗିଲେ ମୋବାଇଲ ଫୋନ୍ ଆସିବ, ତାହା ନୁହେଁ ଘର କଣାକରି କେହି ଲୁଟେରା ଘରେ ପଶିଲେ ଏହି ମେସିନ ଆଲର୍ଟ କରିବ। ଏଥିପାଇଁ ଏକ ମେସନ ସେନ୍ସର ମଧ ରହିଛ। ଘର, ଆପାର୍ଟମେଣ୍ଟ ଓ ଦୋକାନ ଘରେ ଏହି ମେସିନ୍‌କୁ ବ୍ୟବହାର କରିପାରିବେ। ଏବେ ସୁଦ୍ଧା ଭୁବନେଶ୍ୱରରେ ୧୦୦ରୁ ଅଧିକ ଲୋକ ଏହି ଡିଭାଇସକୁ ଘରେ ଲଗାଇଛନ୍ତି। ସେହିପରି ସୁଲଭ ମୂଲ୍ୟରେ ଏହି ଡିଭାଇସ୍ ଯୋଗାଇ ଦିଆଯିବ। ଏହି ଡିଭାଇସ ବ୍ୟବହାର କରୁଥିବା ଘରର ମାଲିକମାନେ ସ୍ଥାନୀୟ ପୁଲିସକୁ ଅବଗତ କରିବେ। ସ୍ଥାନୀୟ ଥାନାରେ ନିଜର ନମ୍ବର ଦାଖଲ କରିବା ବାଧ୍ୟତାମୂଳକ କରାଯାଇଛି। ଖୁବ୍‌ଶୀଘ୍ର କମିସନରେଟ୍ ପୁଲିସ ପକ୍ଷରୁ ଏହି ଡିଭାଇସ୍‌କୁ ଲଞ୍ଚ କରିବାକୁ ଯାଉଥିବା ବିଶେଷସୂତ୍ରରୁ ଜଣାପଡ଼ିଛି।

ସୂଚନାଯୋଗ୍ୟ ଯେ, ରାଜଧାନୀର ବିଭିନ୍ନ ଥାନା ଅଞ୍ଚଳରୁ ପ୍ରାୟ ୩୦ଟି ଆପାର୍ଟମେଣ୍ଟର ୫୫ ଫ୍ଲାଟ୍‌ରୁ ଲୁଟ୍ ହୋଇଥିବା ନେଇ ଅଭିଯୋଗ ହୋଇଛି। ଏହି ସବୁ ଆପାର୍ଟମେଣ୍ଟରୁ ୧୨ କୋଟିରୁ ଅଧିକ ଟଙ୍କା ଲୁଟ୍ ହୋଇଛି। ସିସିଟିଭି ଫୁଟେଜରେ ଲୁଟେରାଙ୍କ କାରନାମା କଏଦ୍ ହୋଇଛି। ସିସିଟିଭିରେ ଲୁଟେରାଙ୍କ ଚେହେରା ଥିବା ସତ୍ତ୍ୱେ ସେମାନଙ୍କୁ ଧରିବାରେ ଅହେତୁକ ବିଳମ୍ବ କରୁଛି କମିସନରେଟ ପୁଲିସ। ତେଣୁ ଏହି ମେସିନ୍ ଘରେ କିମ୍ବା ଦୋକାନରେ ଲାଗିବା ଦ୍ୱାରା ସହରରେ ଲୁଟ୍ କ୍ରମଶଃ ହ୍ରାସହେବ ବୋଲି ଆଶା କରାଯାଉଛି।






## ଖୋର୍ଦ୍ଧା ଜିଲ୍ଲାରେ ପରୀକ୍ଷା ଦେଲେ ୨୭ ୯୪୮

● ମାଟ୍ରିକ୍ ପ୍ରଶ୍ନପତ୍ରରେ ତ୍ରୁଟି ଅଭିଯୋଗ

**ଭୁବନେଶ୍ୱର, ୨୦।୨(ସମିସ):** ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଦଶମ ଶ୍ରେଣୀ ବୋର୍ଡ ସାର୍ଟିଫିକେଟ୍ ପରୀକ୍ଷା ମଙ୍ଗଳବାର ଠାରୁ ଆରମ୍ଭ ହେଇଛି। ଖୋର୍ଦ୍ଧା ଜିଲ୍ଲାରେ ସମୁଦାୟ ୧୩୪ଟି ପରୀକ୍ଷା କେନ୍ଦ୍ରରେ ୨୭, ୯୪୮ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଛନ୍ତି। ମୋଟ୍ ୨୮, ୨୦୯ ଛାତ୍ରଛାତ୍ରୀ ପରୀକ୍ଷା ଦେବାକୁ ଥିବାବେଳେ ୨୬୧ଜଣ ଅନୁପସ୍ଥିତ ରହିଥିବା ଜଣାପଡ଼ିଛି। ସେହିପରି କେବଳ ଭୁବନେଶ୍ୱର ବ୍ଲକରେ ୧୨, ୯୮୧ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବାବେଳେ ୯୬ଜଣ ଅନୁପସ୍ଥିତ ରହିଛନ୍ତି। ପରୀକ୍ଷା ଦାୟିତ୍ୱରେ ଥିବା ଜିଲ୍ଲା ବିଜ୍ଞାନ ନିରୀକ୍ଷକ ସରୋଜ କୁମାର ସିଂ ପରୀକ୍ଷା ପରିଚାଳନା ବିଷୟରେ କହିଛନ୍ତି ଯେ ସମସ୍ତ କେନ୍ଦ୍ରରେ ଶାନ୍ତିଶୃଙ୍ଖଳାର ସହ ପରୀକ୍ଷା ଶେଷ ହୋଇଛି। କପି ରୋକିବାକୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। କୌଣସି ଛାତ୍ରଛାତ୍ରୀ କପି କରି ଧରା ପଡ଼ିନଥିବା ସେ ପ୍ରକାଶ କରିଛନ୍ତି। ପ୍ରଥମ ଦିନ ମାତୃଭାଷା ପରୀକ୍ଷାରେ ଗୋଟିଏ ପ୍ରଶ୍ନ ଭୁଲ୍ ଥିବା ଛାତ୍ରଛାତ୍ରୀ ଅଭିଯୋଗ କରିଛନ୍ତି। ସେଟ୍-'ଏ'ର ୪୩ ନମ୍ବର ପ୍ରଶ୍ନରେ ଚାରୋଟି ବିକଳ୍ପ ମଧ୍ୟରୁ କୌଣସିଟି ଉତ୍ତର ହେଉ ନ ଥିବା କହିଛନ୍ତି। ଏହି ପ୍ରଶ୍ନରେ ବିସମ, ଅପରାହ୍ଣ, ଐକ୍ୟତା ଓ କ୍ଷୁଣ୍ଣ ମଧ୍ୟରୁ କେଉଁଟି ଶୁଦ୍ଧ ରୂପ ବୋଲି ପ୍ରଶ୍ନ ଆସିଥିଲା। ହେଲେ ଏହି ୪ଟି ଶବ୍ଦ ମଧ୍ୟରୁ କଣସିଟି ଠିକ୍ ନଥିବା ପରୀକ୍ଷାର୍ଥୀ ଅଭିଯୋଗ କରିଛନ୍ତି। ଏହାକୁ ଅନୁଧ୍ୟାନ କରି ବୋର୍ଡ ଗ୍ରେସ୍ ମାର୍କ ଦେବାକୁ ପରୀକ୍ଷାର୍ଥୀ ଦାବି କରିଛନ୍ତି।

## ଯୁବତୀଙ୍କୁ ଟଣାଓଟରା; ରୋଡ୍ ରୋମିଓ ଗିରଫ

**ଭୁବନେଶ୍ୱର, ୨୦।୨(ସମିସ):** ଯୁବତୀଙ୍କୁ ରାସ୍ତା ମଝିରେ ଟଣାଓଟରା କରିବା ସହ ମାରପିଟ୍ କରିଥିବା ଜଣେ ରୋଡ ରୋମିଓକୁ ଗିରଫ କରିଛି ଚନ୍ଦ୍ରଶେଖରପୁର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ହାଉସିଂବୋର୍ଡ କଲୋନୀର ଜ୍ୟୋତିପ୍ରକାଶ ପାଣି। ପୁଲିସ କହିବା କଥା, ଏକ ଘରୋଇ ସଂସ୍ଥାରେ କାର୍ଯ୍ୟ କରୁଥିବା ସମ୍ପୃକ୍ତ ଯୁବତୀଙ୍କୁ ଅଭିଯୁକ୍ତ ଜ୍ୟୋତିପ୍ରକାଶ ଏକତରଫା ପ୍ରେମ କରୁଥିଲା। ଜ୍ୟୋତିପ୍ରକାଶ ବହୁଥର ପ୍ରେମ ନିବେଦନକୁ ଯୁବତୀ ପ୍ରତ୍ୟାଖାନ କରୁଥିଲେ। ଆଜି ଦିନବେଳା ଯୁବତୀ ଜଣକ ରହୁଥିବା ହଷ୍ଟେଲରୁ କାର୍ଯ୍ୟସ୍ଥଳକୁ ଚାଲିକୁ ଯାଉଥିଲେ। ଏହି ସମୟରେ ଜ୍ୟୋତିପ୍ରକାଶ ଓ ସହଯୋଗୀ ଏକ ବାଇକରେ ଆସି ଟଣାଓଟରା କରିଥିଲେ। ସେ ଚିତ୍କାର କରିବାରୁ ଜ୍ୟୋତିପ୍ରକାଶ ଠେଲି ଦେଇ ବାଇକ ନେଇ ଚମ୍ପଟ୍ ହୋଇଯାଇଥିଲେ। ଏନେଇ ଯୁବତୀ ଚନ୍ଦ୍ରଶେଖରପୁର ଥାନାରେ ଅଭିଯୋଗ କରିଥିଲେ। ପରେ ଅଭିଯୁକ୍ତ ଜ୍ୟୋତିପ୍ରକାଶକୁ ଯାଜପୁରର ମଙ୍ଗଳପୁରରୁ ପୁଲିସ ଠାବ କରିଛି।

## ଆପାର୍ଟମେଣ୍ଟରୁ ୧୦ ଲକ୍ଷର ଗହଣା ଚୋରି

**ଭୁବନେଶ୍ୱର, ୨୦।୨(ସମିସ):** ରାଜଧାନୀରେ ପୁଣି ଆପାର୍ଟମେଣ୍ଟରୁ ଚୋରି ହୋଇଛି। ଚନ୍ଦକା ଥାନା କଣ୍ଟାବାଡ଼ରେ ଥିବା ଏକ ଆପାର୍ଟମେଣ୍ଟରୁ ଚୋରି ହୋଇଥିବା ନେଇ ପ୍ରଶାନ୍ତ କୁମାର ଦାଶ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁସାରେ, ପ୍ରଶାନ୍ତ ପରିବାର ସହ ଉକ୍ତ ଆପାର୍ଟମେଣ୍ଟରେ ରହୁଥିଲେ। କୌଣସି କାମରେ ପରିବାର ସହ ସେ ବାହାରକୁ ଯାଇଥିବା ବେଳେ ଲୁଟେରାମାନେ ଘରର ତାଲା ତାଡ଼ି ଘର ଭିତରକୁ ପଶିଥିଲେ। ପରେ ଘର ଆଲମାରିରୁ ସୁନାଗହଣା ଲୁଟି ନେଇ ଚମ୍ପଟ ମାରିଥିଲେ।

● ରସୁଲଗଡ଼ ଛକରେ ନିଶାଡ଼ିର ଉତ୍ପାତ

## ରାସ୍ତାମଝିରେ ୨ଯୁବତୀଙ୍କୁ ଅସଦାଚରଣ

**ଭୁବନେଶ୍ୱର, ୨୦।୨(ସମିସ):** ରାଜଧାନୀର ରସୁଲଗଡ଼ ଛକରେ ନିଶାଡ଼ିର ଦୌରାତ୍ମ୍ୟ ଦେଖିବାକୁ ମିଳିଛି। ବାଇକ୍‌ରେ ଯାଉଥିବା ଦୁଇ ଜଣ ଯୁବତୀଙ୍କୁ ଅଟକାଇ ସେ ଅସଦାଚରଣ କରିଛି। ଏପରିକି ଏହାକୁ ସ୍ଥାନୀୟ ଲୋକ ବିରୋଧ କରିବାରୁ ଲୁଚାଇ ରଖିଥିବା ଏକ ମାରଣାସ୍ତ୍ରରେ ଆକ୍ରମଣ କରିଛି। ପୁଲିସ ପହଞ୍ଚିବା ପରେ ସେଠାରୁ ଅଭିଯୁକ୍ତ ଚମ୍ପଟ ମାରିଥିଲା। ଏନେଇ ମଞ୍ଚେଶ୍ୱର ଥାନାରେ ଅଭିଯୋଗ ହେବା ପରେ ପୁଲିସ ସିସିଟିଭି ଫୁଟେଜ୍ ଆଧାରରେ ତଦନ୍ତ କରୁଛି।ସୂଚନା ଅନୁସାରେ, ଅପରାହ୍ଣରେ ରସୁଲଗଡ଼ ଛକରେ ଜଣେ ମଦ୍ୟପ ଗାଡିରେ ଯାଉଥିବା ବେଳେ ଟ୍ରାଫିକ୍ ପୁଲିସ ଚେକିଂ କରି ତାକୁ ଅଟକାଇଥିଲା। ପୁଲିସ ଯାଞ୍ଚ୍ କରି ଜରିମାନା କାଟିବାକୁ କହିବାରୁ ପୁଲିସ ସହିତ ଝଗଡ଼ା କରିଥିଲା। ପରେ ସେଠାରୁ ଖସି ଯାଇ ରସୁଲଗଡ଼ ଛକ ରାସ୍ତାକଡ଼ରେ ଛକି ରହିଥିଲା। ସେହି ବାଟରେ ଦୁଇ ଜଣ ଯୁବତୀ ସ୍କୁଟି ନେଇ ଯିବା ସମୟରେ ନିଶାସକ୍ତ ଯୁବକ ତାଙ୍କୁ ଅଟକାଇଥିଲା। କ'ଣ ପାଇଁ ଅଟକାଉଛ ବୋଲି ଯୁବତୀ ପଚାରିବାରୁ ତାଙ୍କୁ ଅସଦାଚରଣ କରିଥିଲା ଅଭିଯୁକ୍ତ। ସେଠାରେ ଥିବା ଲୋକେ ଏହାକୁ ବିରୋଧ କରିବାରୁ ଅଭିଯୁକ୍ତ ପେଟରେ ଲୁଚାଇ ରଖିଥିବା ଏକ କଇଞ୍ଚିରେ ସମସ୍ତଙ୍କୁ ଆକ୍ରମଣ କରିଥିଲା। ଖବର ପାଇ ପୁଲିସ ପହଞ୍ଚିବା ପୂର୍ବରୁ ଯୁବକ ଜଣଙ୍କ ଗାଡ଼ି ନେଇ ସେଠାରୁ ଚମ୍ପଟ ମାରିଥିଲା।

● ପତ୍ନୀଙ୍କ ବେକକାଟି ହତ୍ୟା ମାମଲା

## ଏମ୍.ଡି ରହମତୁଲ୍ଲାଙ୍କୁ ଆଜୀବନ ଜେଲ୍‌ଦଣ୍ଡ

**ଭୁବନେଶ୍ୱର, ୨୦।୨(ସମିସ):** ବହୁଚର୍ଚ୍ଚିତ ପତ୍ନୀ ହତ୍ୟା ମାମଲାରେ ଅଭିଯୁକ୍ତ ସ୍ୱାମୀ ଏମଡି. ରହମତୁଲ୍ଲାଙ୍କୁ ଆଜୀବନ ଜେଲ୍‌ଦଣ୍ଡ ଶୁଣାଇଛନ୍ତି କୋର୍ଟ। ଆଜି ଭୁବନେଶ୍ୱର ଦ୍ୱିତୀୟ ଅତିରିକ୍ତ ଦୌରା ଜଜ୍ ବନ୍ଦନା କର ଏହି ମାମଲାର ଶୁଣାଣି କରି ଉକ୍ତ ରାୟ ଦେଇଛନ୍ତି। ଆଜୀବନ ଜେଲ୍ ଦଣ୍ଡ ସହ ୫୦ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି।

ଅଭିଯୋଗକାରୀ ସୂର୍ଯ୍ୟ ପ୍ରସାଦ ପଟ୍ଟନାୟକଙ୍କ ସହିତ ଅମୂଲ୍ୟ ନାୟକ ଏବଂ ଅର୍ଜୁନ ନାୟକ ହଂସପାଳ ଅଞ୍ଚଳରେ କିଛି ଘର ଭଡ଼ାରେ ଲଗାଇଛନ୍ତି। ଏହି ଘରେ ବିହାର ଓ ପଶ୍ଚିମବଙ୍ଗର ପ୍ରାୟ ୩୦ଜଣ ମୁସଲିମ ବ୍ୟବସାୟୀଙ୍କୁ ଘରେ ଭଡ଼ାରେ ରଖିଥିଲେ। ଏମ୍‌ଡି ଇସ୍ରାଇଲ, ମୃତଫା ବଲ୍ଲାଙ୍କ ସହତ ଅନ୍ୟ ୪ଜଣ ଅଭିଯୋଗକାରୀଙ୍କ ଭଡ଼ା ଘରେ ରହୁଥିଲେ। ୨୦୧୭ ମେ ୨୧ ତାରିଖ ରାତି ପ୍ରାୟ ୧୦.୩୦ରେ ସୂର୍ଯ୍ୟ ଘରେ ଥିବା ବେଳେ ହଠାତ ଏମଡି ଇସ୍ରାଇଲଙ୍କ ଚିତ୍କାର ଶୁଣି ବାହାରକୁ ଆସିଥିଲେ। ମୃତଫା ବଲ୍ଲାଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ତାଙ୍କ ଭଡ଼ା ଘର ବାରଣ୍ଡାରେ ପଡ଼ିଥିବାର ଦେଖିଥିଲେ। ମୃତଫା ବଲ୍ଲାଙ୍କ ବେକରୁ ପ୍ରଚୁର ରକ୍ତସ୍ରାବ ହେଉଥିବାରୁ ସେ କଥା କହିବାରେ ଅସମର୍ଥ ଥିଲେ। ସେହି ସମୟରେ ଏମଡି ଇସ୍ରାଇଲ ଓ ତାଙ୍କର ପୁତୁରା ସେଠାରେ ଅଭିଯୁକ୍ତ ଏମଡି ରହମତୁଲ୍ଲା ଓ ଅନ୍ୟ ଜଣେ ଅଭିଯୁକ୍ତ ଛୋଟୁଙ୍କୁ ମିଳିତ ଭାବରେ ବଲ୍ଲାଙ୍କ ବେକକୁ କାଟିଥିବାର ଦେଖିଥିବା ନେଇ ସୂର୍ଯ୍ୟଙ୍କୁ ଜଣାଇଥିଲେ। ଏନେଇ ସୂର୍ଯ୍ୟ ମଞ୍ଚେଶ୍ୱର ଥାନାରେ ଅଭିଯୋଗ କରିଥିଲେ। ଏହି ଘଟଣାକୁ କେନ୍ଦ୍ର କରି ମଞ୍ଚେଶ୍ୱର ଥାନା ପୁଲିସ କେସ ନଂ-୨୨୭/୧୭ ଦଫା- ୩୦୨ରେ ଏକ ମାମଲା ରୁଜୁ କରାଯିବା ସହ ଥାନାର ତତ୍କାଳୀନ ଅତିରିକ୍ତ ଭାରପ୍ରାପ୍ତ ଅଧିକାରୀ ପ୍ରମୋଦ କୁମାର ନାୟକ ଏହାର ତଦନ୍ତ ଭାର ନେଇଥିଲେ। ନାଏକ ଏହି ମାମଲାର ସଠିକ ଭାବେ ତଦନ୍ତ କରିବା ସହିତ ଅଭିଯୁକ୍ତ ଏମଡି. ରହମତୁଲ୍ଲାଙ୍କୁ ତୁରନ୍ତ ଗିରଫ କରିବାରେ ସକ୍ଷମ ହୋଇଥିଲେ। ଉପରୋକ୍ତ ମାମଲାର ବିଚାର କରି ଅଦାଲତ ୮ଜଣ ସାକ୍ଷୀଙ୍କ ବୟାନ ଓ ବିଭିନ୍ନ ଦସ୍ତାବିଜକୁ ଆଧାର କରି ଅଭିଯୁକ୍ତ ଏମଡି. ରହମତୁଲ୍ଲାଙ୍କୁ ଦଫା ୩୦୨ ରେ ଆଜୀବନ ସଶ୍ରମ କାରାଦଣ୍ଡାଦେଶ ସହ ୫୦ହଜାର ଟଙ୍କା ଜୋରିମାନା ଆଦେଶ ଦେଇଥିବା ବେଳେ ଜୋରିମନା ଅନାଦେୟ କ୍ଷେତ୍ରରେ ଅଧିକ ୧ବର୍ଷ ଜେଲଦଣ୍ଡ ଲାଗି ଆଦେଶ ଶୁଣାଇଛନ୍ତି। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ଅତିରିକ୍ତ ପବ୍ଲିକ ପ୍ରୋସିକ୍ୟୁଟର ସଲିଳ କୁମାର ପ୍ରଧାନ (ଓଏସପିଏସ-୧) ପରିଚାଳନା କରିଥିଲେ। ସୂଚନା ଯୋଗ୍ୟ ଯେ, ଗତ ବର୍ଷ ସମୁଦାୟ ୮୨ଟି ମାମଲାର ଶୁଣାଣି କରାଯାଇ ଦୋଷୀ ମାନଙ୍କୁ ସଜା ଦିଆଯାଇସାରିଥିବା ବେଳେ ଆଜି ଭୁବନେଶ୍ୱର ସହରାଞ୍ଚଳ ଜିଲ୍ଲା ତରଫରୁ ଚଳିତ ବର୍ଷର ୧୪ଟି ମାମଲାର ଶୁଣାଣି ଶେଷ ହୋଇଛି।

**୫୦ହଜାର ଜରିମାନା ଦେବାକୁ ନିର୍ଦ୍ଦେଶ**

## ୩୦ ଲକ୍ଷ ଠକେଇ; ବିଲ୍ଡର ଗିରଫ

**ଭୁବନେଶ୍ୱର, ୨୦।୨(ସମିସ):** ଫ୍ଲାଟ୍ ଦେବାକୁ କହି ୩୦ ଲକ୍ଷ ଟଙ୍କା ଠକେଇ ଅଭିଯୋଗରେ ବିଲ୍ଡରକୁ ଗିରଫ କରିଛି ବଡ଼ଗଡ଼ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଲକ୍ଷ୍ମୀସାଗର ଥାନା ଝାରପଡ଼ାର ହିମାଂଶୁ ଶେଖର ଶ୍ରୀଚନ୍ଦନ (୪୮)। ବଡ଼ଗଡ଼ ବ୍ରିଟ୍ କଲୋନୀରେ ରହୁଥିବା ବିଧବା ମହିଳାଙ୍କୁ ହିମାଂଶୁ କୋରଡ଼କଣ୍ଟା ମୌଜାରେ ଗୋଟିଏ ଫ୍ଲାଟ କିଣାଇଦେବାକୁ କହିଥିଲେ। ଉଭୟଙ୍କ ମଧ୍ୟରେ ଚୁକ୍ତି ହେବା ପରେ ଫ୍ଲାଟ ବାବଦକୁ ଅଭିଯୁକ୍ତ ହିମାଂଶୁକୁ ୩୦ଲକ୍ଷ ଟଙ୍କା ଦେଇଥିଲେ ଅଭିଯୋଗକାରିଣୀ। ହିମାଂଶୁ ସପ୍ତାହ ମଧ୍ୟରେ ଉକ୍ତ ଫ୍ଲାଟକୁ ପଞ୍ଜୀକୃତ କରିବାକୁ କହି ବାରମ୍ବାର ଦିନ ଗଡ଼ାଇ ଚାଲିଥିଲେ। କିନ୍ତୁ ଫ୍ଲାଟ ନ ଦେବାରୁ ଟଙ୍କାକୁ ଫେରସ୍ତ ମାଗିଥିଲେ। ହିମାଂଶୁ ଟଙ୍କା ଫେରସ୍ତ କରି ଅଭିଯୋଗକାରିଣୀଙ୍କୁ ଗାଳିଗୁଲଜ କରିଥିଲେ। ଏନେଇ ଥାନାରେ ବଡ଼ଗଡ଼ ଥାନାରେ ଅଭିଯୋଗ ହେବା ପରେ ପୁଲିସ ହିମାଂଶୁକୁ କାବୁ କରିଛି।

## ୪ ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର, ୨୦।୨(ସମିସ):** ବିଭିନ୍ନ ଅପରାଧିକ ମାମଲାରେ ଜଡ଼ିତ ୪ଜଣକୁ ଗିରଫ କରିଛି କମିସନରେଟ୍ ପୁଲିସ। ପଞ୍ଚୁପଲ୍ଲୀ ରାସ୍ତାରେ ଯାଉଥିବା ଭାରିଯାନକୁ ଅଟକାଇ ବଟି ଆଦାୟ କରୁଥିବା ଜଣେ ଅଭିଯୁକ୍ତକୁ ଗିରଫ କରିଛି ଏୟାରଫିଲ୍ଡ ଥାନା ପୁଲିସ। ଗିରଫ ଅଭିଯୁକ୍ତ ପ୍ରେମାନନ୍ଦ ଭାରିମାଳ। ରାସ୍ତାରେ ଯାଉଥିବା ଭାରିଯାନକୁ ପ୍ରେମାନନ୍ଦ ଓ ତା'ର କିଛି ସହଯୋଗୀ ଅଟକାଉଥିଲେ। ଚାଳକଙ୍କୁ ଖଣ୍ଡା ଦେଖାଇ ବଟି ମାଗୁଥିଲେ। ଏୟାରଫିଲ୍ଡ ଥାନା ପୁଲିସ ଚଢ଼ଉ କରି ପ୍ରେମାନନ୍ଦକୁ କାବୁ କରିବା ସହ ଖଣ୍ଡା ଜବତ କରିଛି। ସେହିପରି ଗେଷ୍ଟହାଉସ୍‌ର କବାଟ ଭାଙ୍ଗି ଲୁଟ୍‌ପାଟ୍ କରିଥିବା ୨ ଲୁଟେରାଙ୍କୁ ଗିରଫ କରିଛି ଖଣ୍ଡଗିରି ଥାନା ପୁଲିସ। ସେମାନେ ହେଲେ ଗୋବିନ୍ଦ ମଲ୍ଲିକ ଓ ଦୀପକ ମହାନ୍ତି। ଆଉ ଏକ ମାମଲାରେ ବିଦ୍ୟାଧରକୁ ଗିରଫ କରିଛି ପୁଲିସ।

## ଦୁଇ ପରିବାର ଗଣ୍ଡଗୋଳ, ଜଣେ ଗୁରୁତର

**ବାଲିଅନ୍ତା, ୨୦।୨(ସମିସ):** ବାଲିଅନ୍ତା ଥାନା ରାମଚନ୍ଦ୍ରପୁର ଗ୍ରାମରେ ମଙ୍ଗଳବାର ଦୁଇ ପରିବା ମଧ୍ୟରେ ଗଣ୍ଡଗୋଳ ଘଟିଛି। ଠେଙ୍ଗା ମାଡ଼ରେ ଗୋଟିଏ ପରିବାରର ଜଣେ ସଦସ୍ୟ ଗୁରୁତର ଆହତ ହୋଇଛନ୍ତି। ଆହତ ସଦସ୍ୟ ପେସାରେ ଜଣେ ଆଇନଜୀବୀ। ସେ ହେଲେ ଭବାନୀଶଙ୍କର କର। ଭବାନୀଙ୍କ ମୁଣ୍ଡରେ ଗଭୀର କ୍ଷତ ହୋଇଛି। ଭବାନୀଶଙ୍କର ଗଣ୍ଡଗୋଳ ରୋକିବାକୁ ଚେଷ୍ଟା କରି ଆକ୍ରମଣର ଶିକାର ହୋଇଥିଲେ। ଏ ନେଇ ଘଟଣାସ୍ଥଳରେ ତୀବ୍ର ଉତ୍ତେଜନା ଦେଖାଦେଇଥିଲା। ପରିବାର ଲୋକ ଭବାନୀଙ୍କୁ ତୁରନ୍ତ ଏକ ଘରୋଇ ହସ୍ପିଟାଲକ୍ଷହ ଭର୍ତ୍ତି କରିଥିଲେ। ପୁଲିସ ମାମଲା ରୁଜୁ କରିଥିଲେ ହେଁ ଯାଏ ଅଭିଯୁକ୍ତଙ୍କୁ ଗିରଫ କରି ପାରିନଥିବା ଜଣାପଡ଼ିଛି। ଭବାନୀଶଙ୍କରଙ୍କ ଅଭିଯୋଗକୁ ଭିତ୍ତି କରି ଥାନାରେ ମାମଲା ରୁଜୁ ହୋଇଛି।

# ଦୁର୍ଘଟଣାସ୍ଥଳରୁ ଆହତଙ୍କୁ ମିଳିବ ତତ୍କାଳ ସେବା

● ପ୍ରଶିକ୍ଷଣ ନେଲେ ୩୩୭; ଚୟନ ହେଲେ ୧୬
● ଗୋଲ୍ଡେନ ଆୱାରରେ ଉଦ୍ଧାର କରି ତତ୍କାଳ ଚିକିତ୍ସା

ଭୁବନେଶ୍ୱର, ୨୦।୨(ସମିସ):

ସଡ଼କ ଦୁର୍ଘଟଣା ଆହତଙ୍କୁ ମିଳିବ ତ୍ୱରିତ ସେବା। ରାସ୍ତାରେ ଦୁର୍ଘଟଣା ହେଲେ ତୁରନ୍ତ ଉଦ୍ଧାର କରି ପ୍ରାଥମିକ ଚିକିତ୍ସାକୁ ଗୁରୁତ୍ୱ ଦିଆଯାଉଛି। ଗୋଲ୍ଡେନ ଆୱାର ଅର୍ଥାତ୍ ଦୁର୍ଘଟଣାର ଘଣ୍ଟାଏ ଭିତରେ ଗୁରୁତର ଆହତଙ୍କୁ ହସ୍ପିଟାଲରେ ପହଞ୍ଚାଇଲେ, ଜୀବନ ବଞ୍ଚିଯାଇଥାଏ। ତେଣୁ ଦୁର୍ଘଟଣା ପୀଡ଼ିତାଙ୍କୁ ଉଦ୍ଧାର କରି ପ୍ରାଥମିକ ଚିକିତ୍ସା କରାଇ ହସ୍ପିଟାଲ ପଠାଇବା ଦିଗରେ ଗୁରୁତ୍ୱ ଦିଆଯାଉଛି। କୌଣସି ଦୁର୍ଘଟଣାସ୍ଥଳକୁ ଅତି କମ୍ ସମୟରେ ପହଞ୍ଚିବା ସହ ଗୁରୁତର ଆହତଙ୍କୁ ଆଶୁ ଚିକିତ୍ସା ପ୍ରଦାନ କରିବା ସମ୍ପର୍କରେ କର୍ମଚାରୀଙ୍କୁ ତାଲିମ୍ ପ୍ରଦାନ କରାଯାଇଛି। କମିସନରେଟ ପୁଲିସ ସହ ବିଭିନ୍ନ ବ୍ୟକ୍ତି ବିଶେଷଙ୍କୁ ହାଇଦରାବାଦ୍‌ର ଏକ ସଂସ୍ଥା ତାଲିମ୍ ଦେଇଛି। ଦୁଇଦିନ ଧରି ଚାଲିଥିବା ପ୍ରଶିକ୍ଷଣ ଶିବିରରେ ୩୩୭ ଜଣଙ୍କୁ ଏ ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଛି। ଭଲ ପ୍ରଦର୍ଶନ କରୁଥିବା ସମୁଦାୟ ୧୬ଜଣଙ୍କୁ ଚୟନ କରାଯାଇଛି। ସେମାନେ ଦୁର୍ଘଟଣା ପୀଡ଼ିତାଙ୍କୁ ଉଦ୍ଧାର କରି ପ୍ରାଥମିକ ଭାବେ ଉତ୍ତମ ଚିକିତ୍ସା କରାଇ ହସ୍ପିଟାଲ ପଠାଇବାରେ କାର୍ଯ୍ୟ କରିବେ। ଦୁର୍ଘଟଣାସ୍ଥଳରେ ତୁରନ୍ତ ପହଞ୍ଚି ପୀଡ଼ିତଙ୍କୁ ସେବା ଯୋଗାଇବେ।

ଟ୍ରାଫିକ ଥାନା-୧ରେ ଚାଲିଥିବା ଦୁଇଦିନିଆ କର୍ମଶାଳାରେ ପୁଲିସ ସହ ବିଭିନ୍ନ ସଂଗଠନ ଯୋଗ ଦେଇଥିଲେ। ଟ୍ରାଫିକ୍ କନଷ୍ଟେବଳ, ହୋମଗାର୍ଡ, ସ୍କୁଲ ଓ କଲେଜର ଛାତ୍ରଛାତ୍ରୀ, ବିଦ୍ୟାଳୟରେ ଗାଡ଼ି ଚଳାଉଥିବା ଚାଳକ, ଅଟୋ ଓ ଟ୍ରକ ଆସୋସିଏସନ୍ ସହ ଅନ୍ୟ କିଛି ବ୍ୟକ୍ତିବିଶେଷମାନେ ଏହି ଶିବିରରେ ଯୋଗ ଦେଇଥିଲେ। ଦୁର୍ଘଟଣାର ଆହତ ହେଉଥିବା ବ୍ୟକ୍ତିଙ୍କୁ ଉଦ୍ଧାର କରି ହସ୍ପିଟାଲରେ ପହଞ୍ଚାଇବେ ବିଳମ୍ବ ପରିଲକ୍ଷିତ ହେଉଥିବାରୁ ଏଥିରେ ପୀଡ଼ିତଙ୍କ ମୃତ୍ୟୁ ହେଉଛି। ତେଣୁ ଦୁର୍ଘଟଣା ପରେ ମୃତ୍ୟୁହାର ବଢୁଥିବାରୁ ତାଲିମ୍‌କୁ ଗୁରୁତ୍ୱ ଦିଆଯାଇଛି। ସେହିପରି ଦୁର୍ଘଟଣା ହ୍ରାସ କରିବା ଓ ଦୁର୍ଘଟଣାର ପ୍ରଥମ ଏକ ଘଣ୍ଟା ବା ଗୋଲ୍‌ଡେନ ଆୱାରରେ ଉଦ୍ଧାର କରି ତତ୍କାଳ ଚିକିତ୍ସା ପ୍ରଦାନ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ରକ୍ଷକ ଯୋଜନା ଆରମ୍ଭ ହୋଇଛି। ଏଥିରେ ଦୁର୍ଘଟଣା ଶିକାର ହେଉଥିବା ବ୍ୟକ୍ତିଙ୍କୁ ତ୍ୱରିତ ଚିକିତ୍ସା ମିଳୁଛି। ଏଥିସହ ଆହୁରି କ୍ରିୟାଶୀଳ କରିବା ପାଇଁ କ୍ରାସ୍ ଇନ୍‌ଭେଷ୍ଟିଗେସନ ପଲିସି ସରକାର ଆଣିଛନ୍ତି। ଅନୁଷ୍ଠିତ ଶିବିରରେ ପୁଲିସ କମିସନର୍ ସଞ୍ଜିବ ପଣ୍ଡା, ଡିସିପି ପ୍ରତୀକ ସିଂ ଓ ଟ୍ରାଫିକ ଡିସିପି ପ୍ରାଣକୃଷ୍ଣ ରାଉତ ଉପସ୍ଥିତ ରହିଥିଲେ।



### 'ସାଇଣ୍ଟିଫିକ୍ ତଦନ୍ତ' ଲାଗି ପ୍ରକ୍ରିୟା ଆରମ୍ଭ

ଦୁର୍ଘଟଣା ହେବାର ବହୁଦିନ ପରେ ତଦନ୍ତ କରିବା ଲାଗି ଦୁର୍ଘଟଣାସ୍ଥଳକୁ ତଦନ୍ତକାରୀ ଅଧିକାରୀ ଯାଉଛନ୍ତି। ଫଳରେ ଦୁର୍ଘଟଣା କାରଣ ବିଷୟରେ ସଠିକ୍ ତଦନ୍ତ କରାଯାଉନି କିମ୍ବା ଦୁର୍ଘଟଣାର କାରଣ ଓ ପ୍ରମାଣ ମିଳୁନି। ଏଥିରେ ସୁଧାର ଆଣିବାକୁ ସାଇଣ୍ଟିଫିକ ତଦନ୍ତ କରାଯିବ ଉପରେ ଗୁରୁତ୍ୱ ଦିଆଯାଉଛି। ଏନେଇ ଭୁବନେଶ୍ୱର ସହରାଞ୍ଚଳରେ ପ୍ରକ୍ରିୟା ଆରମ୍ଭ ହୋଇଛି। ରାଜଧାନୀରେ ଦୁର୍ଘଟଣା ହେବାର କିଛି ସମୟରେ ପରେ ତଦନ୍ତକାରୀ ଅଧିକାରୀଙ୍କୁ ତୁରନ୍ତ ଦୁର୍ଘଟଣାସ୍ଥଳକୁ ଗଲେ ଦୁର୍ଘଟଣାର ସମସ୍ତ ପ୍ରମାଣ ମିଳିଥାଏ। ପ୍ରଥମେ ଫଟୋ ଉଠାଇବା ସହ ଦୁର୍ଘଟଣା ହେବା ପରେ ଘଟଣାସ୍ଥଳର ସ୍ଥିତି, ଦୁର୍ଘଟଣାଗ୍ରସ୍ତ ଗାଡ଼ିର ସ୍ଥିତି, ଦୁର୍ଘଟଣାରେ ଆହତ କିମ୍ବା ଗୁରୁତର, ପ୍ରତ୍ୟେକ୍ଷଦର୍ଶୀଙ୍କ ବୟାନ, ସିସିଟିଭି ଓ ଅନ୍ୟାନ୍ୟ ପାରିପାର୍ଶ୍ୱିକ ସୂଚନା ଆଧାରରେ ଦୁର୍ଘଟଣାର କାରଣ ଖୋଜା ଯାଇପାରିବ। ଏପରିକି ଦୁର୍ଘଟଣାର କାରଣ ସ୍ପଷ୍ଟ ହେବା ସହ ଏଥିରେ ଥିବା ତ୍ରୁଟି ବିଚ୍ୟୁତି ପଦାକୁ ଆସିବ। ଏହାର ତଦନ୍ତକାରୀ ଟିମ୍ କୋର୍ଟରେ ଉପଯୁକ୍ତ ପ୍ରମାଣ ଦାଖଲ କରିପାରିବ। ଫଳରେ ବିଚାରପତି ତ୍ୱରିତ ବିଚାର କରି ଦୁର୍ଘଟଣାସ୍ଥଳର ପ୍ରମାଣକୁ ଦେଖି ତୁରନ୍ତ ମାମଲାକୁ ଫଇସଲା କରିପାରିବ। ଏତଦ୍‌ଦ୍ୱାରା ବର୍ଷ ବର୍ଷ ଧରି ଗଡ଼ୁଥିବା ସଡ଼କ ଦୁର୍ଘଟଣା ମାମଲାଗୁଡ଼ିକ ଶିଘ୍ର ସମାଧାନ ହୋଇପାରିବ ଓ କ୍ଷତିପୂରଣ ପାଇବାକୁ ଥିବା ବ୍ୟକ୍ତିଙ୍କୁ ତୁରନ୍ତ ଅନୁକମ୍ପା ରାଶି ମିଳିପାରିବ। ସେହିପରି ଦୁର୍ଘଟଣାରେ ଏକାଧିକ ଲୋକ ମୃତାହତ ହେଲେ ସ୍ପେଶାଲ ଟିମ୍ ତଦନ୍ତ କରିବ। ଏହି ଟିମ୍‌ରେ ଜଣେ ଲେଖାଏଁ ପୁଲିସ ଅଧିକାରୀ, ଇଞ୍ଜିନିୟର, ଆର୍‌ଟିଓ ଓ ବୈଷୟିକ ଅଧିକାରୀ ସାମିଲ ହେବେ। ଏହି ସ୍ୱତନ୍ତ୍ର ଟିମ୍ ୭ରୁ ୮ଟି ଦିଗକୁ ନେଇ ୧୦ ଦିନ ଭିତରେ ପୁଲିସ ଆଇଜିକୁ ଏହି ସମ୍ପର୍କିତ ରିପୋର୍ଟ ପ୍ରଦାନ କରାଯିବ।

**ସିଟି ମଣ୍ଟେସୋରି**
ସିଦ୍ଧାର୍ଥ ନଗର, ଦ୍ୱିତୀୟ ଗଳି, ବ୍ରହ୍ମପୁର, ଗଞ୍ଜାମ
**ନାମଲେଖା ବିଜ୍ଞାପନ (୨୦୨୪-୨୫)**
ଏତଦ୍‌ଦ୍ୱାରା ସର୍ବସାଧାରଣଙ୍କୁ ଅବଗତ କରାଇ ଦିଆଯାଉଛି ଯେ, ୨୦୦୯ ଶିକ୍ଷା ଆଇନ ତଥା ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ୧ମ ଶ୍ରେଣୀରେ ପ୍ରବେଶ ନିମନ୍ତେ RTE Act (ସେକ୍ସନ ପି-୯ ଆଇସି) ଅନୁଯାୟୀ ୨୫% ସ୍ଥାନ ବିନା ଶୁଳ୍କ ଏସ୍‌ସି, ଏସ୍‌ଟି, ଏସିବିସି, ସିଡବ୍ଲୁଏସ୍‌ଏନ, ବିପିଏଲ (ଅନୁସୂଚିତ ଜାତି / ଅନୁସୂଚିତ ଉପଜାତି / ସାମାଜିକ ଅନଗ୍ରସର / ଶିକ୍ଷା କ୍ଷେତ୍ରରେ ପଛୁଆ ବର୍ଗ ଏବଂ ଆର୍ଥିକ ଦୁର୍ବଳ ଶ୍ରେଣୀର) ଶିଶୁମାନେ ହିଁ ଯୋଗ୍ୟ ବିବେଚିତ ହୋଇପାରିବେ। ଏହି ବର୍ଗର ଶିଶୁମାନେ ତା.୨୨.୦୨.୨୦୨୪ରିଖ ଠାରୁ ତା.୨୦.୦୩.୨୦୨୪ରିଖ ପର୍ଯ୍ୟନ୍ତ (୧ମ ପର୍ଯ୍ୟାୟ) ଓ ତା.୧୦.୦୪.୨୦୨୪ରିଖ ଠାରୁ ତା.୨୪.୦୪.୨୦୨୪ରିଖ (୨ୟ ପର୍ଯ୍ୟାୟ) ଓ ଓଡ଼ିଶା ସରକାରଙ୍କ www.rteparadarshi.odisha.gov.in website ମାଧ୍ୟମରେ ଆବେଦନ କରିପାରିବେ।
ସା/- ପ୍ରଧାନଆଚାର୍ଯ୍ୟା

ANIMESH FOOD PRODUCTS
(An ISO 9001: 2008 & HACCP Certified Company)
Plot No.: 55/D, Food Processing Park, Industrial Estate, Khordha
Email: foodproducts2010@gmail.com




Contact: 8895052838 / 8596070800



# ତୃତୀୟ ସନ୍ଧ୍ୟାରେ ୪ ରିପିଟ୍, ଗୋଟିଏ ନୂଆ ବହି

## ଆସ ବୁଲିଯିବା ଖଣ୍ଡଗିରି

**ଭୁବନେଶ୍ୱର, ୨୦।୨ (ସମିସ):**

ଖଣ୍ଡଗିରି ଯାତ୍ରା ମହାକୁମ୍ଭ ତିନି ଦିନରେ ପହଞ୍ଚିଛି। ତୃତୀୟ ରାତିରେ ଅପେରା ପାର୍ଟିଙ୍କ ମଧ୍ୟରେ ଦେଖିବାକୁ ମିଳିଛି ଜୋରଦାର ଲଢ଼େଇ । ମଙ୍ଗଳବାର ରାତିରେ କୋଣାର୍କ ଗଣନାଟ୍ୟ, କଳିଙ୍ଗ ଗଣନାଟ୍ୟ, ଦୁର୍ଗା ମନ୍ଦିର ଓ ଗୌରୀ ଗଣନାଟ୍ୟ ଦର୍ଶକଙ୍କ ଆଗ୍ରହକୁ ଆଖି ଆଗରେ ରଖି ସେଇ ନାଟକକୁ ନେଇ ମଞ୍ଚକୁ ଓହ୍ଲାଇଥିବା ବେଳେ ଅନ୍ତିମ ରାତିରେ ସାଇ ସମ୍ରାଟ ତାର ନାଟକ ବଦଳାଇଛି। ନୂଆ ନାଟକ 'ତୁ ଯୋଉଠି ଥିଲେ ବି ମୋର' ଦର୍ଶକଙ୍କୁ ଭେଟି ଦେଇଛି । ମନ୍ଦାକିନୀ, ଟିକିନା, ଟିକିଲି, ସତ୍ୟ, ମିଲନ, ଶଙ୍ଖାଳି ଓ ରବି ବ୍ରହ୍ମଙ୍କ ଅଭିନୟ ସାଙ୍ଗକୁ ଖଳନାୟକ ଭୂମିକାରେ ନଜରକୁ ଆସିଛନ୍ତି ଶୁଭେନ୍ଦୁ। ଇନ୍ଦିରା ସାଂସ୍କୃତିକ ପରିଷଦ (ଖଣ୍ଡଗିରି-ଜାଗମରା) ପେଣ୍ଡାଲରେ ଖେଳୁଥିବା ଯାତ୍ରା ମହାରଥୀ କଳିଙ୍ଗ ଗଣନାଟ୍ୟ ତୃତୀୟ ରାତିରେ ମଧ୍ୟ ସମାନ ନାଟକ 'କାନ୍ଦେନାରେ ବାଇଆ ମନ' ଦର୍ଶକଙ୍କୁ ଭେଟି ଦେଇଛି । ସୁରେଶ ପଣ୍ଡା, ଭାବନା, ହାପି, ପ୍ରିୟଙ୍କା ଏବଂ କମେଡିରେ ସାନମଣିଙ୍କ ଓ ଖଳନାୟକ ଭୂମିକାରେ ସନ୍ଦୀପଙ୍କ ଅଭିନୟ ଦେଖିବାକୁ ମିଳିଥିଲା। ସେହିପରି ମଙ୍ଗଳା ଯୁବ ପରିଷଦ (ଖଣ୍ଡଗିରି-ଜାଗମରା) ମଞ୍ଚରେ ମା' ଦୁର୍ଗା ମନ୍ଦିର ତୃତୀୟ ରାତିରେ 'କାନ୍ଦେନାରେ ଲୁହ ସରିଯିବ' ନାଟକ ମଞ୍ଚସ୍ଥ କରିଛି। ରୁଦ୍ର, ହୃଷି ଓ ମାମା ଓ ଖଳନାୟକ ଲକ୍ଷ୍ମୀଧରଙ୍କ ଡାଇଲଗ୍ ଦର୍ଶକଙ୍କ ହୃଦୟ ଜିଣିଛି । ସନାତନ ସେବା ସମିତି (ଖଣ୍ଡଗିରି-ଘାଟିକିଆ) ପେଣ୍ଡାଲରେ କୋଣାର୍କ ଗଣନାଟ୍ୟ "ସେଇ ଗୋଟିଏ ଭୁଲ୍ ପାଇଁ" ନାଟକକୁ ପୁଣି ରିପିଟ୍ କରିଛି । ରତି-ମିଟୁନା ଓ ମୁନା-ରୂପାଙ୍କ ଦମଦାର ଯୋଡ଼ି ଏବଂ ଭେଟେରାନ ଖଳନାୟକ ଦୈତାରି ପଣ୍ଡାଙ୍କ ଅଭିନୟ ଦେଖିବା ପାଇଁ ସାରାରାତି ଉଜାଗର ହୋଇଛନ୍ତି ଦର୍ଶକ। ଜୟଦୁର୍ଗା ସାଂସ୍କୃତିକ ପରିଷଦ ମଞ୍ଚରେ ଗୌରୀ ଗଣନାଟ୍ୟ ଦ୍ୱିତୀୟ ଦିନରେ







ତୃତୀୟ ରାତିରେ 'ସାଇ ସମ୍ରାଟ' ଦର୍ଶକଙ୍କୁ ଭେଟି ଦେଇଛି ନୂଆ ନାଟକ 'ତୁ ଯୋଉଠି ଥିଲେ ବି ମୋର' । ସୁଧାଂଶୁ ନାୟକଙ୍କ ଲିଖିତ ଓ ଅଶ୍ରୁମୋଚନଙ୍କ ବଳିଷ୍ଠ ନିର୍ଦ୍ଦେଶନାରେ ମାଆ ଓ ଝିଅ ଏବଂ ଭାଇ ଓ ଭଉଣୀର ସମ୍ପର୍କ ଦେଖିବାକୁ ମିଳିଛି। ଏଥିସହିତ ସାମ୍ବାଦିକ-ପୁଲିସ ପ୍ରେମ କାହାଣୀ ଦେଖିବାକୁ ପାଇଛନ୍ତି ଦର୍ଶକ। ସାମ୍ବାଦିକ ଭୂମିକାରେ କୈଳାସଙ୍କୁ ଦେଖିବାକୁ ମିଳିଥିବାବେଳେ ଖଳନାୟକ ଭୂମିକାରେ ଶୁଭେନ୍ଦୁଙ୍କ ଡବଲ ରୋଲ୍ ଦେଖିବାକୁ ମିଳିଛି। ଶୁଭେନ୍ଦୁ ଜୋର୍‌ଜବରଦସ୍ତ ଗରିବ ଲୋକଙ୍କ ଜମି ହଡ଼ପ କରୁଥିବାବେଳେ ସାମ୍ବାଦିକ କୈଳାସ ଏହାକୁ ବିରୋଧ କରୁଛନ୍ତି । ଫଳରେ ଶୁଭେନ୍ଦୁ ତାଙ୍କୁ ହତ୍ୟା କରୁଛନ୍ତି । ଏହାରି ଭିତରେ କୈଳାସଙ୍କ ଝିଅ ଟିକିନା ହଜି ଯାଉଥିବାବେଳେ ଆଉ ଏକ ଝିଅ ଟିକିଲିଙ୍କୁ ମା ମନ୍ଦାକିନୀଙ୍କ ପାଖରେ ରହୁଛନ୍ତି । ବାପା ଚରିତ୍ରରେ ଅଭିନୟ କରୁଥିବା ରବି ବ୍ରହ୍ମ ଟିକିନାଙ୍କୁ ପାଇ ଲାଳନପାଳନ କରୁଛନ୍ତି । ରବି ବ୍ରହ୍ମଙ୍କ ଦୁଇ ପୁଅ ସତ୍ୟ-ମିଲନ ଓ ପାଳିତ ଝିଅ ଟିକିନା ତଥା ୩ ଭାଇଭଉଣୀଙ୍କ ସମ୍ପର୍କ ନିବିଡ଼ ହେଉଛି। ସେପଟେ ଖଳନାୟକ ଶୁଭେନ୍ଦୁ ମୃତ୍ୟୁବରଣ କରିବା ପରେ ପୁଣି ଥରେ ତାଙ୍କ ପୁଅ ଭୂମିକାରେ ନଜରକୁ ଆସୁଛନ୍ତି। ଟିକିନା ବଡ଼ ହେବାପରେ ବାପା କୈଳାସଙ୍କ ପରି ସାମ୍ବାଦିକ ହେଉଛନ୍ତି

## ଆଜିର କାହାଣୀ
## 'ତୁ ଯୋଉଠି ଥିଲେ ବି ମୋର'

ଆଉ ପୁଲିସ ଇନ୍ସପେକ୍ଟର ଭୂମିକାରେ ଥିବା ଶଙ୍ଖାଳିଙ୍କ ସହିତ ତାଙ୍କର ପ୍ରେମ ସମ୍ପର୍କ ଗଢ଼ି ଉଠୁଛି। ଏହାରି ଭିତରେ ଟିକିନାଙ୍କର ଜନ୍ମଦାତ୍ରୀ ମାଆ ମନ୍ଦାକିନୀଙ୍କ ସହିତ ଭେଟ ହେଉଛି ହେଲେ ପରିଚିତ ହୋଇ ପାରୁନାହାଁନ୍ତି । ପରିସ୍ଥିତି ଏମିତି ହେଉଛି ଯେ ଭାଇଭଉଣୀ ସମ୍ପର୍କକୁ ମଧ୍ୟ ସନ୍ଦେହ ନଜରରେ ଦେଖାଯାଉଛି। ଆଉ ଟିକିନାଙ୍କୁ ଘରୁ ବାହାର କରି ଦିଆଯାଉଛି। ପିଲାବେଳୁ ଜନ୍ମଦାତ୍ରୀ ମାଆ ଠାରୁ ଅଲଗା ହୋଇଥିବା ଟିକିନାଙ୍କୁ ଶେଷ ଭାଗରେ ପାଳିତ ବାପା ରବି ବ୍ରହ୍ମ ଓ ଭାଇମାନଙ୍କ ଠାରୁ ମଧ୍ୟ ଅଲଗା ହେବାକୁ ପଡ଼ିଛି। ଟିକିନା ଘରୁ ବାହାରିବା ପରେ ଭାଇ ସତ୍ୟ କହୁଛନ୍ତି ତୁ ଯା ଭଉଣୀ 'ତୁ ଯୋଉଠି ଥିଲେ ବି ମୋର'। କାହାଣୀ ଶେଷରେ ସମସ୍ତେ ଏକାଠି ହୋଇଛନ୍ତି।



## 'ସାଇ ସମ୍ରାଟ'କୁ ବିଦାୟ, ଆଜିଠୁ 'ଅଶୋକ ସମ୍ରାଟ'

ମଧ୍ୟ ରାଣୀ ପଣ୍ଡାଙ୍କ ଜୀବନର ବାସ୍ତବ ଘଟଣାକୁ ନେଇ ପ୍ରସ୍ତୁତ 'ରାଣୀ ପଣ୍ଡାକୁ ଖଣ୍ଡଗିରି ମନା' ନାଟକ ପରିବେଷଣ କରିଛି। ଲଗାତାର ତୃତୀୟ ରାତିରେ ନାଟକ ରିପିଟ ହୋଇଥିଲେ ମଧ୍ୟ ନାୟିକା ରାଣୀ ପଣ୍ଡାଙ୍କ ନିଖୁଣ ଅଭିନୟ ମଞ୍ଚ ନିକଟରେ ଦର୍ଶକଙ୍କୁ ବାନ୍ଧି ରଖିଛି। ସେହି ନାଟକରେ ମାନସ ପଣ୍ଡା, କୁନି, ରୀତା, ବେବି ଓ ରଞ୍ଜିତଙ୍କ ଦମ୍‌ଦାର ଡାଇଲଗ୍ ଦର୍ଶକଙ୍କ ମନକୁ ଛୁଇଁଛି। ହରେକୃଷ୍ଣ ମହତାବ ସାଂସ୍କୃତିକ ପରିଷଦ (ଆଇଗିଣିଆ-ଡୁମୁଡୁମା) ମଞ୍ଚରେ ୩ ଦିନରେ ଦୁଇଟି ନାଟକ ପରିବେଷଣ କରି ବିଦାୟ ନେଇଛି ସାଇ ସମ୍ରାଟ। ଗୋଟିଏ ସମ୍ରାଟ ବିଦାୟ ନେବା ପରେ ଆସନ୍ତା କାଲିଠାରୁ ସେହି ମଞ୍ଚ ମାଧ୍ୟମରେ 'ଅଶୋକ ସମ୍ରାଟ' ଯାତ୍ରା ଲଢ଼େଇରେ ସାମିଲ ହେବ। 'ବାଦାମବାଡ଼ିର ରିକ୍ସାବାଲା' ନାଟକକୁ ନେଇ ମଇଦାନକୁ ଓହ୍ଲାଇବ ଅଶୋକ ସମ୍ରାଟ। ପ୍ରତାପ, ଜିତା, ଚନ୍ଦନ, ମାମୁନି ଓ ମକୁ ପ୍ରମୁଖଙ୍କ ଅଭିନୟ ଦେଖିବାକୁ ପାଇବେ ଦର୍ଶକ।

## ଫୁଡ୍‌କୋର୍ଟରେ ଖାଇବା ମଜା



ପଞ୍ଚମ ଦିନରେ ପହଞ୍ଚିଛି ଖଣ୍ଡଗିରି କୁମ୍ଭମେଳା। ସକାଳ ୧୦ଟାରୁ ଲୋକଙ୍କ ଲମ୍ବା ଲାଇନ୍ ଲାଗୁଛି। ମେଳା ଭିତରକୁ ପ୍ରବେଶ ପଥର ଉଭୟ ପାର୍ଶ୍ୱରେ ଖୋଲିଥିବା ଉଠା ବ୍ୟବସାୟୀଙ୍କ ବିଭିନ୍ନ ଘରକରଣା ସାମଗ୍ରୀ ଠାରୁ ଆରମ୍ଭ କରି ହରେକମାଲ ଗହଣା ଦୋକାନରେ ଜମୁଛି ଭିଡ଼। ତା' ସାଙ୍ଗକୁ ରାମଦୋଳି, ବ୍ରେକ୍‌ଡ୍ୟାନ୍ସ, ଟଏଟ୍ରେନ୍ ଆଦିର ମଜା ନେଉଛନ୍ତି ଗ୍ରାହକ। ତେବେ ସବୁଠାରୁ ଅଧିକ ଭିଡ଼ ଜମୁଛି ଖାଦ୍ୟ ଷ୍ଟଲ୍‌ରେ। ଗୁପଚୁପ୍, ଚାଟ୍, ଦହିବରା ସାଙ୍ଗକୁ ମଥୁରା କେକ୍, ସିମ୍‌ଲା ଲଙ୍କା ଚପ୍, ଠୁଙ୍କା ପୁରୀ, ପାମ୍ପୁଡ଼ି ଚାଟ୍, ଝାଲ ମୁଢ଼ି ସହ ଆମିଷ ବାରରେ ଚିକେନ୍ ପକୋଡ଼ା, ଅଣ୍ଡା ଚପ୍, ଚାଓମିନ୍, ରୋଲ୍, ବିରିୟାନୀ, ଇନଷ୍ଟାଣ୍ଟ ପିଜା ଖାଇବାକୁ ଭିଡ଼ ଜମାଉଛନ୍ତି ଲୋକେ। **କାଠ ନିର୍ମିତ ସାମଗ୍ରୀ କିଣିବାକୁ ଭିଡ଼:** ମେଳାରେ କାଠରେ ତିଆରି ଦେବଦେବୀଙ୍କ ଠାରୁ ଆରମ୍ଭ କରି ବିଭିନ୍ନ ବ୍ୟବହାରିକ ଘରକରଣା ସାମଗ୍ରୀ କିଣୁଛନ୍ତି ଲୋକେ। କାଠରେ ନିର୍ମିତ ଚାବି ରିଙ୍ଗ୍‌ଠାରୁ ଆରମ୍ଭ କରି ଫୁଲଦାନୀ, ୱାଲ ହ୍ୟାଙ୍ଗିଙ୍ଗ୍, ହେମଦସ୍ତା, ଗ୍ଲାସ୍, ପ୍ଲେଟ୍, ଜୀବଜନ୍ତୁର ସାମଗ୍ରୀର ପସରା ମେଲାଇ ବସିଛନ୍ତି ବ୍ୟବସାୟୀ। ଏସବୁର ଦାମ୍ ୨୦୦ଟଙ୍କାରୁ ଆରମ୍ଭ ହୋଇ ୪ହଜାର ଟଙ୍କା ପର୍ଯ୍ୟନ୍ତ ରହିଛି। କୋଲକାତାରୁ ଆସିଥିବା ଏହି ବ୍ୟବସାୟୀ କହିଛନ୍ତି ଯେ, ପ୍ରାୟ ୧୦ ବର୍ଷ ହେବ ମୁଁ ଏଠାକୁ ବ୍ୟବସାୟ କରିବାକୁ ଆସେ।

## ଆକର୍ଷଣରେ ବାଉଁଶରାଣୀ

ସିଂହାସନ ନାହିଁ। ରାଜ ଦରବାରି ବି ନାହିଁ। ହେଲେ ସେ ରାଣୀ। ରାତିର କୋଳାହଳ ଭିତରେ ବାଜିରେ ଲାଗିଛି ଜୀବନ। ଆଙ୍ଗୁଠି ଧାରରେ ଝୁଲି ରହିଛି ସବୁ ସ୍ୱପ୍ନ। ନିଜର ଅଭିନବ ଶୈଳୀରେ କଅଁଳ ଜୀବନର ସାଧନା ସମସ୍ତଙ୍କୁ ବାନ୍ଧି ରଖିଛି। ପ୍ରତିବଦଳରେ କିଏ ଦେଉଛି କରତାଳି ଆଉ କିଏ କିଛିଟା ପାରିଶ୍ରମିକ। ଜୀବନ ଜିଇଁବାକୁ ହେଲେ ମଞ୍ଚ ଚଢ଼ିବାକୁ ଯେ ହୁଏ ତା'ର ଏକ ବଳିଷ୍ଠ ପ୍ରମାଣ ଏଇ ମେଳା ଭିତରେ। ବାଉଁଶରାଣୀ ଖେଳ। ଯାହା ଖଣ୍ଡଗିରି ମେଳା ବୁଲିବାକୁ ଆସିଥିବା ଦର୍ଶକଙ୍କ ନଜରରୁ ବାଦ ପଡ଼ି ପାରିନାହିଁ। ମାଘ ସପ୍ତମୀରୁ ଆରମ୍ଭ ହୋଇଥିବା ଖଣ୍ଡଗିରି ମେଳାର ଆଜି ଥିଲା ୫ମ ଦିନ । ମେଳାରେ ପ୍ରମୁଖ ଆକାର୍ଷଣ ପାଲଟିଛି ଏହି ବାଉଁଶରାଣୀ ଖେଳ। ଏହି ବାଉଁଶରାଣୀ ଖେଳ ଏବେ ଏକପ୍ରକାର ହଜିଗଲାଣି। ବିଭିନ୍ନ ମେଳା ମହୋତ୍ସବରେ ଇଏ ମୁଖ୍ୟ ଆକର୍ଷଣ ପାଲଟିଛି। ସେଥିପାଇଁ ମେଳାରେ ୧୩ ବର୍ଷର ରଶ୍ମିତା ଯିଏ ସାଜିଛନ୍ତି ବାଉଁଶରାଣୀ ତାହା ଏବେ ଲୋକଙ୍କୁ ପୁଣି ସେ ପିଲା ଦିନର ଅନୁଭୂତିକୁ ଫେରାଇ ନେଉଛି। ଜଗତସିଂହପୁର ରଶ୍ମିତା ନିଜ ବାପାଙ୍କ ସହ ଆସି ମେଳାରେ ନିଜ ପ୍ରତିଭାରେ ଲୋକଙ୍କୁ କ୍ଷଣିକ ପାଇଁ ଅଟକାଇ ଦେଉଛନ୍ତି। ଅନ୍ୟ ଦୋକାନ ଅପେକ୍ଷା ଲୋକ ସେଠାରେ ବେଶୀ ଭିଡ଼ ଜମାଉଛନ୍ତି।







ସାକ୍ଷାତକାର



# 'ଆଜିର ନାଟକରେ କମ୍ପନ ନାହିଁ'

**ଖଣ୍ଡଗିରି ଯାତ୍ରା ମହାକୁମ୍ଭ ପରିପ୍ରେକ୍ଷୀରେ ଅଭିନେତା ଜିତେନ୍ଦ୍ରିୟ ଦାଶ(ଜିତୁ ଦାଶ)ଙ୍କ ସହ 'ସକାଳ' ପ୍ରତିନିଧିଙ୍କ ସାକ୍ଷାତକାର**

**ଆପଣ ଖଣ୍ଡଗିରି ଯାତ୍ରା ମହାକୁମ୍ଭକୁ କେତେବର୍ଷ ଧରି ଆସୁଛନ୍ତି? ଖଣ୍ଡଗିରି ମେଳା ସମ୍ପର୍କରେ ଆପଣଙ୍କ ମତାମତ କ'ଣ?**

- ଖଣ୍ଡଗିରି କୁମ୍ଭମେଳାକୁ ମୁଁ ଦୀର୍ଘ ୨୫ବର୍ଷ ଭିତରେ ୧୫ ବର୍ଷ ଆସିଛି। ଯାତ୍ରା ପ୍ରତିଯୋଗିତା ନୁହେଁ ତ ଏହା ଯାତ୍ରା ମହାସମର। ଭୁବନେଶ୍ୱର ଭଳି ରାଜଧାନୀରେ ରାଜ୍ୟର ୩୦ଟି ଜିଲ୍ଲାର ଲୋକେ ଏଠାକୁ ଆସିଥାଆନ୍ତି। ଆମକୁ ସାରା ରାଜ୍ୟର ଦର୍ଶକଙ୍କୁ ଦୃଷ୍ଟିରେ ରଖି ନାଟକ ପରିବେଷଣ କରିବାକୁ ପଡ଼ିଥାଏ। ଏଠାରେ ଏକାଥରରେ ପ୍ରାୟ ୫ ଶହରୁ ୬ ଜଣ କଳାକାରଙ୍କୁ ଏକାଠି ଦେଖିବାକୁ ମିଳିଥାଏ। ସେହି ଦୃଷ୍ଟିରୁ ଖଣ୍ଡିଗିରି ଯାତ୍ରାକୁ ଆମେ ଗୁରୁତ୍ୱ ଦେଇଥାଉ।

**ଆପଣ ପ୍ରଥମେ ଖଣ୍ଡଗିରିକୁ ଯେବେ ଆସିଥିଲେ ଆଉ ଆଜି ଭିତରେ କ'ଣ ପାର୍ଥକ୍ୟ ଅନୁଭବ କରୁଛନ୍ତି?**

- ପ୍ରାୟ ୨୦ ବର୍ଷ ତଳେ ମୁଁ ପ୍ରଥମେ ଖଣ୍ଡଗିରିକୁ ଆସିଥିଲି। ସେତେବେଳେ ଦର୍ଶକ ଅଭିନୟ ଦେଖିବା ପାଇଁ ଯାତ୍ରାକୁ ଆସୁଥିଲେ। ଏମିତି କି ସପରିବାରେ ଲୋକେ ଯାତ୍ରା ନାଟକ ଦେଖିବାକୁ ଆସୁଥିଲେ। ଆଜିର ଦିନରେ ବୈଷୟିକ ଜ୍ଞାନକୌଶଳର ପ୍ରୟୋଗ ବୃଦ୍ଧି ପାଇଛି। କିନ୍ତୁ ଅଭିନୟକୁ ସେତିକି ଗୁରୁତ୍ୱ ଦିଆଯାଉନାହିଁ। ସୁରେଶ ପଣ୍ଡା, ଦୈତାରୀ ପଣ୍ଡାଙ୍କ ଭଳି ଅଭିନେତା ଥାଉ ଥାଉ ଆଇଟମ୍ ନୃତ୍ୟ ପରିବେଷଣ କରୁଥିବା ଯାତ୍ରା ପାର୍ଟିରେ ଲୋକଙ୍କ ଭିଡ଼ ପରିଲକ୍ଷିତ ହେଉଛି। ଆଜିର ଦିନରେ ଲୋକେ ସପରିବାର ଯାତ୍ରା ଦେଖିବାକୁ ଆସୁନାହାନ୍ତି।

**ତା' ମାନେ ଆଜିର ଦିନରେ ଭଲ ଯାତ୍ରା ନାଟକ ବହି ନାହିଁ?**

- କିଏ କହିଲା ଭଲ ନାଟକ ନାହିଁ! ବହୁତ ଭଲ ନାଟକ ହେଉଛି। ଭଲ ନାଟ୍ୟକାର ବି ଅଛନ୍ତି, ଭଲ କଳାକାର ବି ମଞ୍ଚକୁ ଆସୁଛନ୍ତି। କିନ୍ତୁ ସେଦିନ ଭଳି ଆଜିର ଦିନରେ ନାଟକରେ କମ୍ପନ ନାହିଁ। ଅନେକ ଅଭିନେତ୍ରୀ ଭଲ ଅଭିନୟ ଜାଣିଛନ୍ତି। କିନ୍ତୁ ଦର୍ଶକଙ୍କ ଚାହିଁବାକୁ ଦୃଷ୍ଟିରେ ରଖି ଅର୍ଦ୍ଧନଗ୍ନ ନୃତ୍ୟ ପରିବେଷଣ କରୁଛନ୍ତି। ଦର୍ଶକ ବି ସେହି ଆଡ଼କୁ ମୁହାଁଉଛନ୍ତି। ସେହି ଅଭିନେତ୍ରୀ ଯଦି ତାଙ୍କ ଦକ୍ଷତାଭିତ୍ତିରେ ନାଟକରେ ଭଲ ଅଭିନୟ କରନ୍ତେ ତେବେ ସେହିଭଳି ଦର୍ଶକ ବି ତାଙ୍କୁ ଦେଖିବାକୁ ଯାଆନ୍ତେ।

**ଯାତ୍ରାରେ ଆଇଟମ୍ ନୃତ୍ୟ ବା ରେକର୍ଡ ଡ୍ୟାନ୍ସର ଆବଶ୍ୟକତା ନାହିଁ କି?**

- କିଏ କହିଲା କାଳେ କାଳେ ସେସବୁ ମନୋରଞ୍ଜନରେ ଥିଲା ଓ ରହିବ। କିନ୍ତୁ ତାହା ଅଶ୍ଳୀଳତା ଭିତରେ ରହିବା ଦରକାର। ଯାହାକୁ ଦେଖି ଦର୍ଶକେ ମନୋରଞ୍ଜନ କରିବେ।

**ଯାତ୍ରା ନାଟକରେ ଅଶ୍ଳୀଳତା ପ୍ରବେଶ କରିବା ଓ ପ୍ରାଧାନ୍ୟ ବିସ୍ତାର କରିବା ପଛରେ କେଉଁମାନଙ୍କୁ ଦାୟୀ କରିବେ? ଆପଣଙ୍କ ଭଳି ଅଭିନେତାଙ୍କୁ କ'ଣ ଦାୟୀ କରାଯିବ ନାହିଁ?**

- ଆମେ ତ ପେଟପାଟଣା ପାଇଁ ନାଟକରେ ଅଭିନୟ କରୁଛି। ଏଭଳି ପରିସ୍ଥିତି ପାଇଁ ପ୍ରଥମେ ଦର୍ଶକ ଓ ପରେ ମାଲିକ ଦାୟୀ ବୋଲି କହିବି। ଯଦି ଦର୍ଶକ ଭଲ ନାଟକ ଦେଖିବାକୁ ଚାହିଁବେ, ତାହାଲେ ମାଲିକ ଭଲ ନାଟକ ଭେଟି ଦେବେ। ମାଲିକ ଯେହେତୁ ଟଙ୍କା ଖଟାଇଛନ୍ତି ସେମାନେ ଯେତିକି କହିବେ ଆମେ ସେମିତି ଅଭିନୟ କରିବୁ।

**ଆପଣ ଯାତ୍ରା ଜଗତକୁ କେବେ କେମିତି ପ୍ରବେଶ କଲେ?**

- ମୁଁ ଯେହେତୁ ମା' ଚଣ୍ଡୀଙ୍କ ପୂଜକ, ୧୯୯୯ ମସିହାରେ ପ୍ରଥମେ କୋଣାର୍କ ଗଣନାଟ୍ୟରେ ପୂଜକ ଭାବେ ଆସିଥିଲା। ପରବର୍ତ୍ତୀ ସମୟରେ ପୂଜା କରିବା ସହ ଛୋଟମୋଟ ଚରିତ୍ରରେ ଅଭିନୟ କଲି। ଦିନକୁ ଦିନ ମୋ ଅଭିନୟକୁ ଦେଖି ନିର୍ଦ୍ଦେଶକ ମୋତେ ମୁଖ୍ୟ ଚରିତ୍ରରେ ଅଭିନୟ ପାଇଁ ସୁଯୋଗ ଦେଇଥିଲେ।

**ଯାତ୍ରା ଯୋଗୁଁ ଆପଣଙ୍କ ପାରିବାରିକ ଜୀବନ କେବେ ପ୍ରଭାବିତ ହୋଇନାହିଁ?**

- ମୁଁ ପ୍ରଥମେ ଜଣେ ଶୃଙ୍ଖଳିତ ପରିବାରର ସଦସ୍ୟ। ତେଣୁ ପରିବାରର ପରାମର୍ଶକ୍ରମେ ଯାତ୍ରା ଜଗତରେ ପ୍ରବେଶ କରିଥିଲି। ତେଣୁ ପ୍ରଥମେ ପରିବାକୁ ଗୁରୁତ୍ୱ ଦେଇ ଯାତ୍ରାରେ ଅଭିନୟ କରିଥାଏ।

**ଆଜିର ମୋବାଇଲ୍ ଯୁଗରେ ଯାତ୍ରା ଅଭିନୟକୁ ବଞ୍ଚାଇ ରଖିବା ପାଇଁ ଆପଣଙ୍କ ମତରେ କି କି ଚ୍ୟାଲେଞ୍ଜ୍ ବା ଆହ୍ୱାନ ରହିଛି?**

- ଆମ ବଳ ହେଉଛି ଅଭିନୟ। ଜଣେ ଅଭିନେତା ଭାବେ କହିବି ଦକ୍ଷ ଓ ଦମ୍‌ଦାର୍ ଅଭିନୟ କଲେ ଲୋକେ ନିଶ୍ଚୟ ଆମ ନାଟକ ଦେଖିବାକୁ ଆସିବେ। ଯାତ୍ରା ନାଟକକୁ ଭଲ ପାଇବେ।



# ଭୁବନେଶ୍ୱର ସିଟି



କ୍ୟାପିଟାଲ୍ ହାଇସ୍କୁଲ୍ ସମ୍ମୁଖରେ ଛାତ୍ରୀମାନେ ଧାଡ଼ିରେ ମାଟ୍ରିକ୍ ପରୀକ୍ଷା କେନ୍ଦ୍ରକୁ ପ୍ରବେଶ କରୁଛନ୍ତି

## 'ସମର୍ପଣ'ର ଦ୍ୱିତୀୟ ସନ୍ଧ୍ୟା | ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କଲା ସୁଫି ସଙ୍ଗୀତ

**ଭୁବନେଶ୍ୱର, ୨୦।୨(ସମିସ):** ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସହାୟତାରେ ଭୁବନେଶ୍ୱର ମ୍ୟୁଜିକ୍ ସର୍କଲ ଦ୍ୱାରା ତିନିଦିନ ଧରି ଅନୁଷ୍ଠିତ ହେଉଥିବା ୧୨ତମ ବାର୍ଷିକ ସୁଫିୟାନା ଓ ଆଧ୍ୟାତ୍ମିକ ସଙ୍ଗୀତ କାର୍ଯ୍ୟକ୍ରମ 'ସମର୍ପଣ'ର ଦ୍ୱିତୀୟ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ଏହି ସନ୍ଧ୍ୟାରେ ପାରମ୍ପରିକ ବଙ୍ଗଳା ଲୋକ ସଙ୍ଗୀତ ବାଉଲ ସହିତ ସୁଫି ସଙ୍ଗୀତ ପରିବେଷଣ କରାଯାଇଥିଲା। ପ୍ରଥମ ନିବେଦନ ଥିଲା ତୁଲୀକା ମଣ୍ଡଳ ଓ ଗଙ୍ଗାଧର ମଣ୍ଡଳଙ୍କ ଦ୍ୱାରା ବଙ୍ଗଳା ଲୋକ ସଙ୍ଗୀତ ବାଉଲ। ସୁଫୀ ସଙ୍ଗୀତ ଆଧ୍ୟାତ୍ମିକ ଓ ଭାବପୂର୍ଣ୍ଣ ପରିବେଶ ସୃଷ୍ଟି କରିଥିଲା। ଏଥିରେ ହାରମୋନିୟମ୍‌ରେ ଅସିତ୍ କର, ଢୋଲକରେ ବିଭାଷ ଅଧିକାରୀ ଓ ଦୋତାରାରେ ଶ୍ରୀଦମ୍ ସରକାର ସହଯୋଗ କରିଥିଲେ। ପରେ ଜଲାଜ ଶ୍ରୀବାସ୍ତବଙ୍କ ଦ୍ୱାରା ସୁଫି ସଙ୍ଗୀତ ପରିବେଷଣ କରାଯାଇଥିଲା। ସେ ଅମୀର ଖୁସରୋ, ରୁମୀ ଏବଂ ବୁଲେହ ଶାସ ଇତ୍ୟାଦି ପ୍ରାଚୀନ ସୁଫି ମାଷ୍ଟରଙ୍କ ଲେଖନୀର ସଙ୍ଗୀତ ପରିବେଷଣ କରିଥିଲେ। ବାଦ୍ୟଯନ୍ତ୍ରରେ ନରେନ୍ଦ୍ର କୁମାର ମହାପାତ୍ର, ମଦନ ମୋହନ ତ୍ରିପାଠୀ, ରବି ନାରାୟଣ ବାରିକ୍, ପ୍ରିୟରଞ୍ଜନ ମହାନ୍ତି ଓ ବିଭୁପ୍ରସାଦ ତ୍ରିପାଠୀ ସହଯୋଗ କରିଥିଲେ। ସନ୍ଧ୍ୟାରେ ଅତିଥିଭାବେ ପୂର୍ବତନ ମୁଖ୍ୟ ଶାସନ ସଚିବ ସଞ୍ଜୀବ ଚନ୍ଦ୍ର ହୋତା, ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର କେନ୍ଦ୍ରୀୟ କ୍ଷମତାପ୍ରାପ୍ତ କମିଟି (ସିଇସି)ର ଅଧ୍ୟକ୍ଷ ସିଦ୍ଧାନ୍ତ ଦାସ, ଭୁବନେଶ୍ୱର ମ୍ୟୁଜିକ ସର୍କଲର ସଭାପତି ଅରବିନ୍ଦ ବେହେରା ଓ ଭୁବନେଶ୍ୱର ମ୍ୟୁଜିକ ସର୍କଲର ସଚିବ କ୍ଷୀରୋଦ କୁମାର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ସଞ୍ଚାଳନା କରିଥିଲେ ଡ. ଆଦ୍ୟାଶା ଦାସ।





## ୮ ପରୀକ୍ଷା କେନ୍ଦ୍ରରେ ୧୪୭୬ ଛାତ୍ରଛାତ୍ରୀ

**ବାଲିଅନ୍ତା, ୨୦।୨(ସମିସ):** ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଚଳିତବର୍ଷର ମାଟ୍ରିକ ପରୀକ୍ଷା ଆରମ୍ଭ ହୋଇଥିବାବେଳେ ବାଲିଅନ୍ତାରେ ୮ଟି ପରୀକ୍ଷା କେନ୍ଦ୍ରରେ ୧୪୭୬ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଉଛନ୍ତି। ସୂଚନା ଅନୁସାରେ ସରକଣା ଭଗବତୀ ନୋଡାଲ ହାଇସ୍କୁଲ, ପାଣିକଟା ପଞ୍ଚାୟତ ହାଇସ୍କୁଲ, ବାଲିଅନ୍ତା ନୋଡାଲ ହାଇସ୍କୁଲ, ପ୍ରତାପଶାସନ ବାଳକ ଉଚ୍ଚ ବିଦ୍ୟାଳୟ, ପ୍ରତାପଶାସନ ବାଳିକା ଉଚ୍ଚ ବିଦ୍ୟାଳୟ, ସତ୍ୟଭାମାପୁର ହାଇସ୍କୁଲ, ଭିଙ୍ଗାରପୁର ହାଇସ୍କୁଲ ଏବଂ କାକରୁଦ୍ରପୁରସ୍ଥିତ ପତିତପାବନ ହାଇସ୍କୁଲରେ ପରୀକ୍ଷା କେନ୍ଦ୍ର କରାଯାଇଛି।

## ଅମରେନ୍ଦ୍ର ଖଟୁଆଙ୍କୁ ଆମ ଗୌରବ ସମ୍ମାନ



**ନୂଆଦିଲ୍ଲୀ, ୨୦।୨:** ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ପ୍ରଦାନ ଦିବସ ଓ ବିଶ୍ୱ ମାତୃଭାଷା ଦିବସ ଅବସରରେ ନୂଆଦିଲ୍ଲୀସ୍ଥିତ ଓଡ଼ିଆ ବୁଦ୍ଧିଜୀବୀ ଫୋରମ ଦି ଇଣ୍ଟେଲେକ୍ଟସ୍ ପକ୍ଷରୁ ଅନ୍ତର୍ଜାତୀୟ ମାତୃଭାଷା ସମ୍ମିଳନୀର ଦଶମ ସଂସ୍କରଣ ଜବାହାରଲାଲ ନେହରୁ ବିଶ୍ୱବିଦ୍ୟାଳୟସ୍ଥିତ ଆଦିକବି ସାରଳା ଦାସ ଓଡ଼ିଆ ଚେୟାର ସହଯୋଗରେ ଉଦ୍‌ଘାଟିତ ହୋଇଯାଇଛି। ଜାତୀୟସ୍ତରରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠାନର ଅଧ୍ୟକ୍ଷ ଦେବେନ୍ଦ୍ରନାଥ ରାଉତଙ୍କ ଆବାହକତ୍ୱରେ ଗତ ଦଶବର୍ଷ ଧରି ଲ୍ୟାଙ୍ଗ ଫେଷ୍ଟ ଭାବରେ ଅନୁଷ୍ଠିତ ହୋଇଆସୁଛି। ଚଳିତ ବର୍ଷ ଆଦିକବି ସାରଳା ଦାସ ଓଡ଼ିଆ ଚେୟାରର ପ୍ରଫେସର୍ ଡ଼ଃ ଉଦୟନାଥ ସାହୁଙ୍କ ଅଧ୍ୟକ୍ଷତାରେ ଏହି ଦୁଇଦିନିଆ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଜେଏନ୍‌ୟୁର ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ଡିନ୍ ପ୍ରଫେସର୍ ଶୋଭା ଶିବଶଙ୍କରନ୍, ମୁଖ୍ୟବକ୍ତା ଭାବେ ଜାତୀୟ ସିନ୍ଧି ଭାଷା ପ୍ରଚାର ସଂଗଠନର ନିର୍ଦ୍ଦେଶକ ପ୍ରଫେସର ରବିକାନ୍ତ ଟେକଚନ୍ଦାନୀ, ସମ୍ମାନିତ ଅତିଥି ଭାବେ ପ୍ରଫେସର ସୁଧୀର ପ୍ରତାପ ସିଂହ ଯୋଗଦେଇ ପ୍ରତ୍ୟେକଙ୍କ ଜୀବନରେ ମାତୃଭାଷାର ଗୁରୁତ୍ୱ ବିଷୟରେ ଆଲୋକପାତ କରିଥିଲେ। ଏହି ଅବସରରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିକୁ ବିଶ୍ୱ ଦରବାରରେ ଉପସ୍ଥାପନ କରିବାରେ ବିଶେଷ ଅବଦାନ ରଖିଥିବା ବିଶିଷ୍ଟ କବି ଓ ଭାରତ ସରକାରଙ୍କର ବୈଦେଶିକ ବ୍ୟାପାର ବିଭାଗର ପୂର୍ବତନ ସଚିବ ଅମରେନ୍ଦ୍ର ଖଟୁଆଙ୍କୁ ଚଳିତବର୍ଷ ପାଇଁ 'ଆମ ଗୌରବ' ସମ୍ମାନ ପ୍ରଦାନ କରାଯାଇଥିଲା। ଦ୍ୱିତୀୟ ସୋପାନରେ ଡ଼ଃ ସୁବାସିନୀ ବାରିକଙ୍କ ସଭାପତିତ୍ୱରେ ମାତୃଭାଷା ଦ୍ୱାରା ପ୍ରଗତି ଓ ଆତ୍ମସମ୍ମାନ ଶୀର୍ଷକ ଆଲୋଚନାରେ ସଂସ୍କୃତ ଭାଷାରୁ ପ୍ରଫେସର ଭାଗିରଥୀ ନନ୍ଦ, ତାମିଲ ଭାଷାରୁ ପ୍ରଫେସର ଡି ଉମାଦେବୀ, ମାଲାୟାଲାମ ଭାଷାରୁ ଡ଼ଃ ଶିବପ୍ରସାଦ ପୁନନ୍, କନ୍ନଡ ଭାଷାରୁ ଡ଼ଃ କୁମାରୀ କେ, ତେଲୁଗୁ ଭାଷାରୁ ଡ଼ଃ ଟି ସତୀଶ ନିଜର ମତାମତ ରଖିଥିଲେ। କାର୍ଯ୍ୟକ୍ରମରେ ମଞ୍ଚ ପରିଚାଳନା କରିଥିଲେ ନିର୍ଦ୍ଦେଶ ପ୍ରଜାପତି ଓ ଡ଼ଃ ମାଲଖାନ ସିଂ। ଏହାର ସୁପରିଚାଳନା ଦାୟିତ୍ୱ ଆର୍ଯ୍ୟାନ୍ ରାଉତ, ବିଶ୍ୱଜିତ ନାୟକ, ପଙ୍କଜମାଳା ଷଡ଼ଙ୍ଗୀ, ସ୍ମୃତିଧାରା ରାଉତ, ସରୋଜ କୁମାର ମହାପାତ୍ର, ପ୍ରଦୀପ କୁମାର ପରିଡ଼ା ନିର୍ବାହ କରିଥଲେ।

## ଜନ୍ମପୀଠରେ ଭକ୍ତ ଶିରୋମଣି ଦାସିଆଙ୍କ ମହାପ୍ରୟାଣ ଦିବସ

**ଭୁବନେଶ୍ୱର, ୨୦।୨ (ସମିସ):** ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅନନ୍ୟ ଭକ୍ତ ଦାସିଆଙ୍କ ମହାପ୍ରୟାଣ ଦିବସ ତାଙ୍କ ଜନ୍ମପୀଠ ପୁରୀ ଜିଲ୍ଲା ବାଲିଗ୍ରାମଠାରେ ଭକ୍ତ ଦାସିଆ ସ୍ମୃତି କମିଟି ଆନୁକୂଲ୍ୟରେ ପାଳିତ ହୋଇଯାଇଛି। ଭକ୍ତ ନିବାସ ସଭାଗୃହରେ ଅନୁଷ୍ଠାନର ସଭାପତି ଡ଼ଃ ପ୍ରତିଭା ମହାରଥୀଙ୍କ ସଭାପତିତ୍ୱରେ ଆୟୋଜିତ ସ୍ମୃତିସଭାରେ ଭୁବନେଶ୍ୱର ଏମ୍‌ସ୍‌ର ପ୍ରାକ୍ତନ ନିର୍ଦ୍ଦେଶକ ପ୍ରଫେସର ଡ଼ଃ ଅଶୋକ କୁମାର ମହାପାତ୍ର ମୁଖ୍ୟବକ୍ତା, ୱାଲେଟ୍ ଫର ୱେଲ୍‌ଥର ପରିଚାଳନା ନିର୍ଦ୍ଦେଶକ ତ୍ରିନାଥ ଲେଙ୍କା, କିଟ୍ +୨ ବିଜ୍ଞାନ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼ଃ ଚିତ୍ତରଞ୍ଜନ ମିଶ୍ର, ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆର ମହାପ୍ରବନ୍ଧକ ବିବେକାନନ୍ଦ ମହାପାତ୍ର, ପ୍ରାକ୍ତନ ଅତିରିକ୍ତ ପୋଲିସ୍ କିମଶନର ସୁରେଶ କୁମାର ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ଭକ୍ତ ଦାସିଆ କିପରି ଅଗାଢ଼ ଭକ୍ତି ଓ ଦୃଢ଼ ଆତ୍ମବିଶ୍ୱାସ ବଳଦରେ ବୈଷ୍ଣବ ଜଗତରେ ନିଜକୁ ପ୍ରତିଷ୍ଠିତ କରିପାରିଥିଲେ, ତାହା ଉପରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ତ୍ରୈମାସିକ ଆଧ୍ୟାତ୍ମିକ ପତ୍ରିକା ନବମ ବର୍ଷର ପ୍ରଥମ ସଂଖ୍ୟା "ଭାବକୁ ନିକଟ" ଓ ନୂତନ ୱେବସାଇଟ୍ bhaktadasia.org ଉନ୍ମୋଚିତ ହୋଇଥିଲା। ଅପରପକ୍ଷେ, ବେଦାଚାର୍ଯ୍ୟ ଲିଙ୍ଗରାଜ ପଣ୍ଡାଙ୍କ ଦ୍ୱାରା ଯଜ୍ଞ ମଣ୍ଡପରେ ଯଜ୍ଞ କାର୍ଯ୍ୟ ହୋଇଥିଲା। ଯଜ୍ଞରେ ଅନୁଷ୍ଠାନର ଉପସଭାପତି ଇଂ. ଦେବନାରାୟଣ ପାଲ୍ ମୁଖ୍ୟ ପୁରୋଧା ଭାବେ କାର୍ଯ୍ୟ ନିର୍ବାହ କରିଥିଲେ। ବୃନ୍ଦାବନ ଚନ୍ଦ୍ର ରଥଙ୍କ ପ୍ରାୟୋଜିତ ପୁରାତନ ଭଜନ ଓ ଜଣାଣ ପରିବେଷଣ କରାଯାଇଥିଲା। ଅନୁଷ୍ଠାନର ବରିଷ୍ଠ ସଦସ୍ୟ ଅର୍ଜୁନ ଚରଣ ସାମଲ, ଡ଼ଃ ଦୁର୍ଗା ପ୍ରସାଦ ମିଶ୍ର, ଡ଼ଃ. ଉଦୟନାଥ ଆଚାର୍ଯ୍ୟ, ପ୍ରାଧ୍ୟାପିକ ପ୍ରଶାନ୍ତ ଆଚାର୍ଯ୍ୟ, ଅଜୟ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଅନୁଷ୍ଠାନର ସାଧାରଣ ସମ୍ପାଦକ ଡ଼ଃ ଘନଶ୍ୟାମ ସ୍ୱାଇଁ ଅତିଥି ପରିଚୟ ଦେଇଥିବା ବେଳେ ସାଂସ୍କୃତିକ ସମ୍ପାଦକ ଆଇନଜୀବୀ ସରୋଜ କୁମାର ସାହୁ ଧନ୍ୟବାଦ ଦେଇଥିଲେ।





## ଲେଖା ଅଧିକାରୀଙ୍କ ପ୍ରଶିକ୍ଷଣ ଶିବିର

**ଭୁବନେଶ୍ୱର, ୨୦।୨(ସମିସ):** ଭାରତ ସରକାରଙ୍କ ଜାତୀୟ ସଞ୍ଚାର ବିତ୍ତ ସଂସ୍ଥାନ, ନୂଆଦିଲ୍ଲୀ ଭାରତୀୟ ଡାକ ଓ ଟେଲି ଯୋଗାଯୋଗ ଆକାଉଣ୍ଟସ୍ ଓ ବିତ୍ତୀୟ ସେବାର ସହ ଲେଖା ଅଧିକାରୀମାନଙ୍କ ୮ସପ୍ତାହ ପ୍ରଶିକ୍ଷଣ ଶିବିର ଭୁବନେଶ୍ୱରସ୍ଥିତ ମଧୁସୂଦନ ଦାସ ଆଞ୍ଚଳିକ ବିତ୍ତୀୟ ପରିଚାଳନା ପ୍ରତିଷ୍ଠାନ ପରିସରରେ ସୋମବାରଠାରୁ ଆରମ୍ଭ ହୋଇଛି। ପ୍ରତିଷ୍ଠାର ନିର୍ଦ୍ଦେଶକ ଅଶୋକ କୁମାର ମହାନ୍ତି ଏହି ଶିବିରକୁ ଉଦ୍‌ଘାଟନ କରିବା ସହ ଦେଶର ବିଭିନ୍ନ ରାଜ୍ୟରୁ ଯୋଗ ଦେଇଥିବା ୪୦ ଜଣ ଅଧିକାରୀଙ୍କୁ ସ୍ୱାଗତ କରିଥିଲେ। ରାଜ୍ୟ ଯୋଜନା ଓ ସଂଯୋଜନ ବିଭାଗର ସ୍ୱତନ୍ତ୍ର ସଚିବ ଚିତ୍ର ଅରୁମୁଗମ୍ ଦେଶର ନିରନ୍ତର ବିକାଶ ସାଧନ ଲକ୍ଷ୍ୟ ହାସଲରେ ଡାକ ଓ ଟେଲି ଯୋଗାଯୋଗର ଭୂମିକା ସମ୍ପର୍କରେ ସୂଚନା ଦେଇଥିଲେ।

## ମୋବାଇଲ ଲୁଟ୍ ମାମଲାରେ ଜଣେ ଗିରଫ

**ଧଉଳି, ୨୦।୨(ସମିସ):** ମୋବାଇଲ ଲୁଟ୍ ମାମଲାରେ ଧଉଳି ଥାନା ପୁଲିସ୍ ଜଣେ ଲୁଟିଆକୁ ଗିରଫ କରିବା ସହିତ କୋର୍ଟ ଚାଲାଣ କରିଥିବା ପୁଲିସ୍ ସୂତ୍ରରୁ ଜଣାପଡ଼ିଛି। ଗତକାଲି ଅଭିଯୋଗକାରିଣୀ ଧଉଳି ପାହାଡ଼ ପାର୍ଶ୍ୱକୁ ଚାଲିବା ପାଇଁ ଯାଇଥିବା ସମୟରେ ଲୁଟେରା ଜଣକ ତାଙ୍କ ନିକଟକୁ ଆସିଥିଲେ ଏବଂ ହଠାତ ତାଙ୍କର ମୋବାଇଲ ଫୋନ୍ ଲୁଟ୍ କରି ନେଇଯାଇଥିଲେ। ଏ ନେଇ ଧଉଳି ଥାନାରେ ଅଭିଯୋଗ ହେବା ପରେ ପୁଲିସ ତଦନ୍ତ କରିବା ସହ ବିଶେଷ ସୂତ୍ରରୁ ଖବର ପାଇ ଉକ୍ତ ଥାନା ଅନ୍ତର୍ଗତ ଗୋପୀନାଥପୁର କାଣ୍ଡି ସାହିର ଅଭିଯୁକ୍ତ ଦୀପକ କାଣ୍ଡି (୨୪) କୁ ଗିରଫ କରିଥିଲେ। ତା' ଠାରୁ ଲୁଟ୍ ମୋବାଇଲ ଫୋନ୍ ଜବତ କରିଥିଲେ।

## ଆର୍‌ଆଇଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

**ବାଲିପାଟଣା, ୨୦।୨(ସମିସ):** ଓଡ଼ିଶା ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘ ତରଫରୁ ଗତ ୧୯ ତାରିଖଠାରୁ ତହସିଲ କର୍ଯ୍ୟାଳୟ ସମ୍ମୁଖରେ ଧାରଣା ଜାରି ରହିଛି। ଖୋର୍ଦ୍ଧା ଜିଲ୍ଲା ଶାଖା ତରଫରୁ ଆହୁତ ଏହି ସମୂହ କାର୍ଯ୍ୟବନ୍ଦ ଆନ୍ଦୋଳନରେ ବାଲିପାଟଣା ତହସିଲ ଅନ୍ତର୍ଗତ ସମସ୍ତ ରାଜସ୍ୱ ନିରୀକ୍ଷକ ଏହି ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଓଡିଆର୍‌ଏସ୍ କ୍ୟାଡର୍ ପୁନଃ ସଂରଚନା ଭଳି ମୁଖ୍ୟ ଦାବି ପୂରଣ ପର୍ଯ୍ୟନ୍ତ ଏହି ଧାରଣା ଜାରି ରହିବ ବୋଲି ଆନ୍ଦୋଳନକାରୀ ସୂଚନା ଦେଇଛନ୍ତି।

## କିଟ୍, ସମ୍ବଲପୁର ବିଜୟୀ

ପୂର୍ବାଞ୍ଚଳ ଆନ୍ତଃବିଶ୍ୱବିଦ୍ୟାଳୟ କ୍ରିକେଟ୍

**ଭୁବନେଶ୍ୱର, ୨୦।୨ (ସମିସ):** ଚଳିତ ପୂର୍ବାଞ୍ଚଳ ଆନ୍ତଃବିଶ୍ୱବିଦ୍ୟାଳୟ କ୍ରିକେଟ୍ ପ୍ରତିଯୋଗିତାରେ କିଟ୍ ଦଳ କ୍ରମାଗତ ୨ୟ ବିଜୟ ହାସଲ କରିଛି। କିଟ୍ ଓ ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ ଫେବୃଆରୀ ୧୪ରୁ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତା ବୁଧବାର ଶେଷ ହେବ। ମଙ୍ଗଳବାର ଅନୁଷ୍ଠିତ ମ୍ୟାଚରେ କିଟ୍ ୫୩ ରନରେ ୟୁନିଭର୍ସିଟି ଅଫ୍ ବର୍ଦ୍ଧମାନକୁ ହରାଇଥିଲା। ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି କିଟ୍ ବିଶ୍ୱବିଦ୍ୟାଳୟ ଓପନର୍ ଏମ୍ ପ୍ରଶାନ୍ତଙ୍କ ୧୫୬ ରନ (୮୪ ବଲ୍) ବଳରେ ୨୫ ଓଭରରେ ୫ ୱିକେଟ୍ ହରାଇ ୨୨୦ ରନ କରିଥିଲା। ଜବାବରେ ବର୍ଦ୍ଧମାନ ବିଶ୍ୱବିଦ୍ୟାଳୟ ୮ ୱିକେଟ୍‌ରେ ୧୬୭ ରନ କରିବାକୁ ସକ୍ଷମ ହୋଇଥିଲା। ପୂର୍ବରୁ କିଟ୍ ଏହାର ପ୍ରଥମ ମ୍ୟାଚରେ ୭ ୱିକେଟ୍‌ରେ ସମ୍ବଲପୁର ବିଶ୍ୱବିଦ୍ୟାଳୟକୁ ପରାସ୍ତ କରିଥିଲା। ମଙ୍ଗଳବାର ଅନୁଷ୍ଠିତ ଅନ୍ୟ ଏକ ମ୍ୟାଚରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ୧୨ ରନରେ ମଗଧ ବିଶ୍ୱବିଦ୍ୟାଳୟକୁ ପରାସ୍ତ କରିଛି।

## ନିଲୋଫର୍ କପ୍: ଯଦୁପୁରର ସହଜ ବିଜୟ

**ଭୁବନେଶ୍ୱର, ୨୦।୨ (ସମିସ):** ତମାଣ୍ଡୋ କ୍ରିକେଟ୍ ପଡ଼ିଆରେ ଚାଲିଥିବା ହୁସିନାରା ନିଲୋଫର୍ କପ୍‌ରେ ମଙ୍ଗଳବାର ଅନୁଷ୍ଠିତ ଏକ ମ୍ୟାଚରେ ଯଦୁପୁର ସହଜ ବିଜୟ ହାସଲ କରିଛି। ଏହି ମ୍ୟାଚରେ ଯଦୁପୁର ୪ ୱିକେଟ୍‌ରେ ତିଗିରିଆକୁ ହରାଇଦେଇଛି। ଟସ୍ ଜିତି ବ୍ୟାଟିଂ କରିଥିବା ତିଗିରିଆ ଦଳ ନିର୍ଦ୍ଧାରିତ ୨୦ ଓଭରରେ ୮ ୱିକେଟ୍ ହରାଇ ୧୮୨ ରନ କରିଥିଲା। ଦଳ ପକ୍ଷରୁ ଜ୍ୟୋତି ୬୪, ଜିତୁନ ବେହେରା ୪୬ ରନ କରିଥିଲେ। ପ୍ରତିପକ୍ଷ ଯଦୁପୁରର ଶେଖ୍ ସଲମାନ ଓ ରବୀନ୍ଦ୍ର ନାୟକ ୨ଟି ଲେଖାଏ ୱିକେଟ୍ ଅକ୍ତିଆର କରିଥିଲେ। ଜବାବରେ ଶ୍ରୀୟାଂଶୁ ସାହୁ (୩୭ ରନ), ଶେଖର ସ୍ୱାଇଁ (୩୫ ରନ) ଓ ଶେଖ୍ ସଲମାନ (୩୫)ଙ୍କ ଉପଯୋଗୀ ବ୍ୟାଟିଂ ବଳରେ ଯଦୁପୁର ୧୭.୩ ଓଭରରେ ୬ ୱିକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା।

● ଏଆଇଏଫ୍‌ଏଫ୍-ଫିଫା ଟ୍ୟାଲେଣ୍ଟ ଏକାଡେମୀ

## ପ୍ରଥମ ବ୍ୟାଚ୍‌ରେ ୧୫ ସ୍ଥାନୀୟ ଖେଳାଳି ସାମିଲ

**ଭୁବନେଶ୍ୱର, ୨୦।୨(ସମିସ):** ସର୍ବଭାରତୀୟ ଫୁଟବଲ ଫେଡେରେସନ ଟ୍ୟାଲେଣ୍ଟ ଏକାଡେମୀ କାର୍ଯ୍ୟକ୍ଷମ ହୋଇଛି। ଏକାଡେମୀର ପ୍ରଥମ ବ୍ୟାଚ୍‌ରେ ୧୫ଜଣ ପ୍ରତିଭାସମ୍ପର୍ଣ୍ଣ ସ୍ଥାନୀୟ ଖେଳାଳିଙ୍କୁ ସାମିଲ କରାଯାଇଛି। ଏଆଇଏଫ୍‌ଏଫ୍ ଓ ଫିଫା ଓ ରାଜ୍ୟ ସରକାର ମିଳିତ ଭାବେ ଫୁଟବଲର ବିକାଶ ପାଇଁ ଏହି ଏକାଡେମୀ ସ୍ଥାପନ କରିଛନ୍ତି। ସ୍ଥାନୀୟ ଖେଳାଳିମାନଙ୍କୁ ଏକାଡେମୀରେ ସାମିଲ କରିବା ଅବସରରେ ମଙ୍ଗଳବାର ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ରାଜ୍ୟ କ୍ରୀଡ଼ା ନିର୍ଦ୍ଦେଶକ ସିଦ୍ଧାର୍ଥ ଦାସ, ଯୁଗ୍ମ ସଚିବ ବିଜୟାନନ୍ଦ ନାୟକ, ଏଆଇଏଫ୍‌ଏଫ୍ ବୈଷୟିକ ନିର୍ଦ୍ଦେଶକ ସୟଦ ସବୀର ପାସା, ଫୁଟବଲ ଆସୋସିଏସନ ଅଫ୍ ଓଡ଼ିଶା (ଫାଓ) ସମ୍ପାଦକ ଆଶୀର୍ବାଦ ବେହେରା, ଯୁଗ୍ମ ସମ୍ପାଦକ ଅଭିଜିତ ପାଲ୍ ଓ ଅନ୍ୟମାନେ ଉପସ୍ଥିତ ରହିଥିଲେ। ଫୁଟବଲର ବିକାଶ ପାଇଁ ଏହି ଏକାଡେମୀ ବୈପ୍ଳବିକ ଭୂମିକା ନିର୍ବାହ କରିବ ବୋଲି କ୍ରୀଡ଼ା ସଚିବ ଭିନିଲ କ୍ରିଷ୍ଣା ଏହି ଅବସରରେ କହିଥିଲେ। ଏହି ଏକାଡେମୀରେ ଫିଫାର ପ୍ରଶିକ୍ଷକମାନଙ୍କ ତତ୍ତ୍ୱାବଧାନରେ ଖେଳାଳିମାନେ ପ୍ରଶିକ୍ଷଣ ନେବେ। ଏଠାରେ ବିଶ୍ୱସ୍ତରୀୟ ସୁବିଧାସୁଯୋଗ ଉପଲବ୍ଧ ହେବ ବୋଲି ସେ କହିଛନ୍ତି।

## ଖୁବ୍‌ଶୀଘ୍ର ରାଜଧାନୀରେ ଉଦ୍‌ଘାଟନ ହେବ

# ଅତ୍ୟାଧୁନିକ ମଡେଲ୍ ସ୍କୁଲ୍



**ଭୁବନେଶ୍ୱର, ୨୦।୨(ସମିସ):**

ସାଲିଆ ସାହି ବସ୍ତି ପିଲାଙ୍କ ପାଇଁ ରାଜ୍ୟ ସରକାରଙ୍କ ଶ୍ରେଷ୍ଠ ଭେଟି। ସାଲିଆ ସାହି ନିକଟସ୍ଥ ଆଇଆରସି ଭିଲେଜରେ ଏଭଳି ଏକ ସ୍କୁଲର ରୂପାନ୍ତରଣ କାର୍ଯ୍ୟ ଜାରି ରହିଛି। ଯାହାର ଭିତ୍ତିଭୂମି ସହରର ବଡ଼ବଡ଼ ଘରୋଇ ଇଂରାଜୀ ମିଡିୟମ୍ ସ୍କୁଲକୁ ପଛରେ ପକାଇ ଦେବ ବୋଲି ଆଶା କରାଯାଉଛି। ଉକ୍ତ ସ୍କୁଲରେ ଆଧୁନିକ ଶ୍ରେଣୀଗୃହ, ଲ୍ୟାବ୍

### ■ ପଢ଼ିବେ ୨୦୦୦ ପିଲା, ରହିବ ୩୫ ହାଇଟେକ୍ ଶ୍ରେଣୀଗୃହ

ଏବଂ ସ୍ପୋର୍ଟସ କମ୍ପ୍ଲେକ୍ସ ପ୍ରତିଷ୍ଠା କରାଯିବ। ଏହାକୁ ରାଜ୍ୟର ସବୁଠାରୁ ଶ୍ରେଷ୍ଠ ସ୍କୁଲ ହେବ ବିଡିଏ ଭିସି ସୂଚନା ଦେଇଛନ୍ତି। ରାଜ୍ୟ ସରକାର ଏହାକୁ ଏକ ଡ୍ରିମ୍ ପ୍ରୋଜେକ୍ଟ ଭାବେ ଦେଖୁଥିଲା ବେଳେ ଏହି ଅତ୍ୟାଧୁନିକ ମଡେଲ୍ ସ୍କୁଲର ଉଦ୍‌ଘାଟନ ଚଳିତ ମାସ ଶେଷ ସୁଦ୍ଧା କରାଯିବ ବୋଲି ଜଣାପଡ଼ିଛି।

ମିଳିଥିବା ସୂଚନା ମୁତାବକ, ୧୯୮୩ ମସିହାରେ ଆଇଆରସି ଭିଲେଜରେ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରତିଷ୍ଠା କରାଯାଇଥିଲା। ସ୍କୁଲରେ ପଢୁଥିବା ୯୫ ପ୍ରତିଶତ ପିଲା ସାଲିଆ ସାହିରୁ ଆସିଥାନ୍ତି। ଛାତ୍ରଛାତ୍ରୀଙ୍କ ସଂଖ୍ୟା ପ୍ରାୟ ୧୭୦୦ ଟପିଲା ପରେ ଶ୍ରେଣୀ ଗୃହରେ ବସିବାକୁ ଅସୁବିଧା ହେଉଥିଲା। ଏହାସହ ସ୍କୁଲରେ ସେଭଳି କୌଣସି ସୁବିଧା ନ ଥିଲା ବେଳେ ବିଭିନ୍ନ ଶ୍ରେଣୀଗୃହ ଭାଙ୍ଗିଯାଇଥିଲା। ପିଲାମାନଙ୍କ ଅସୁବିଧାକୁ ଦୃଷ୍ଟିରେ ରଖି ୨୦୨୨ ମସିହାରେ ଏହି ସ୍କୁଲକୁ ପୁନଃନିର୍ମାଣ କରିବାକୁ ଯୋଜନା ପ୍ରସ୍ତୁତ କରାଗଲା। ଯୋଜନା ମୁତାବକ, ଉକ୍ତ ସ୍କୁଲରେ ୩୫ଟି ହାଇଟେକ୍ ସ୍ମାର୍ଟ କ୍ଲାସରୁମ୍ ବ୍ୟବସ୍ଥା କରାଯାଇଛି। ଉକ୍ତ ଶ୍ରେଣୀଗୃହରେ ସିସିଟିଭି, ସ୍ମାର୍ଟ ବୋର୍ଡ, ଭିଡିଓ କନ୍‌ଫରେନ୍ସିଂ ବ୍ୟବସ୍ଥା କରାଯିବ ବୋଲି ଜଣାପଡ଼ିଛି। ଏହାସହ ୧୨ଟି ନୂତନ ଅତ୍ୟାଧୁନିକ ଶ୍ରେଣୀଗୃହ ନିର୍ମାଣ କରାଯିବ। ବହୁ ସଂଖ୍ୟାରେ ନୂତନ ଶୌଚାଳୟ ନିର୍ମାଣ କରାଯିବ। ସେହିପରି କ୍ରୀଡ଼ାର ବିକାଶ ପାଇଁ ସ୍କୁଲର ଖେଳ ପଡ଼ିଆକୁ ମଧ୍ୟ ନୂଆରୂପ ଦିଆଯିବ। ଫୁଟ୍‌ବଲ, ଟେନିସ୍ କୋର୍ଟ, ଭଲି ଓ କବାଡ଼ି ମଇଦାନ୍‌ର ନିର୍ମାଣ କରାଯିବ। ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ମୁକ୍ତ ମଞ୍ଚ, ମଧ୍ୟାହ୍ନ ଭୋଜନ କେନ୍ଦ୍ର ପ୍ରତିଷ୍ଠା କରାଯିବ। ସେହିପରି ପିଲା ନିଜକୁ ଫିଟ୍ ରଖିବାକୁ ଜିମ୍ ଓ ସାଇକେଲିଂ ଟ୍ରାକ୍ ଏବଂ ଜଗିଂ ଟ୍ରାକ୍ ପ୍ରସ୍ତୁତ କରାଯିବ।

## ୧୦୦ କୋଟି ଠକେଇ: ସଂସ୍ଥା ବନ୍ଦକରି ମାଲିକ ଫେରାର

# ଇଓଡବ୍ଲ୍ୟୁର ଦ୍ୱାରସ୍ଥହେଲେ ଜମାକାରୀ

**ଭୁବନେଶ୍ୱର, ୨୦।୨(ସମିସ):** ଲୋଭ ଦେଖାଇ ୧୦୦କୋଟିର ଠକେଇ। ଅଧିକ ସୁଧ ଦେବାକୁ ପ୍ରଲୋଭନ ଦେଖାଇ ଜମାକାରୀଙ୍କଠାରୁ କୋଟି କୋଟି ଟଙ୍କା ଠକି ନେଇଛି ଏକ ସଂସ୍ଥା। ଜଣେ ଦୁଇ ଜଣ ନୁହେଁ, ୫ଶହ ଲୋକ ଠକାମିର ଶିକାର ହୋଇଛନ୍ତି। ୱେ ଟୁ ଆଡ୍ ଇଣ୍ଡିଆ ନାମକ ସଂସ୍ଥା ଏହି ଠକେଇ କରିଥିବା ଜମାକାରୀ ଅଭିଯୋଗ କରିଛନ୍ତି। ଟଙ୍କା ନେବା ପରେ ସଂସ୍ଥା ତାର ଅଫିସ୍ ବନ୍ଦ କରି ଫେରାର ହୋଇଯାଇଛି। ମାଲିକ ଫେରାର ହୋଇଯାଇଥିବା ବେଳେ ମ୍ୟାନେଜରକୁ ଧରି ଅର୍ଥନୈତିକ ଅପରାଧ ଶାଖାରେ ଫେରାଦ ହୋଇଛନ୍ତି ନିବେଶକ। ଏନେଇ ଏକାଧିକ ଜମାକାରୀ ଆଜି ବ୍ୟାନ୍‌ର ଧରି ଇଓଡବ୍ଲ୍ୟୁ ଅଫିସ୍ ଆଗରେ ଧାରଣା ଦେବା ସହ ଅଭିଯୋଗ କରିଛନ୍ତି। ଭୁବନେଶ୍ୱର ପଲାଶୁଣିରେ ରିଚାର୍ଜ, ୱାଟର ପିଉରିଫାୟାର, ଆୟୁର୍ବେଦିକ ଔଷଧକୁ ନେଇ ୱେ ଟୁ ଆଡ୍ ଇଣ୍ଡିଆ ବ୍ୟବସାୟ ଆରମ୍ଭ କରିଥିଲା। ସଂସ୍ଥାରେ ବିନିଯୋଗ କରିବା ସହ ମାସକୁ ଦଶରୁ ପନ୍ଦର ପ୍ରତିଶତ ସୁଧରେ ଟଙ୍କା ରିଟର୍ଣ୍ଣ ମିଳିବ ବୋଲି କହି ପାଖାପାଖି ୫୦୦ରୁ ଅଧିକ ଲୋକଙ୍କୁ ଚୁନ ଲଗାଇଥିବା ନେଇ ଅର୍ଥନୈତିକ ଅପରାଧ ଶାଖାରେ ଅଭିଯୋଗ କରିଛନ୍ତି ନିବେଶକ। ସଂସ୍ଥା ମୁଖ୍ୟ କାର୍ଯ୍ୟାଳୟ ବନ୍ଦ କରି ମୋବାଇଲ ଅଫ୍ କରି ଫେରାର ହୋଇଯାଇଥିବା କହିଛନ୍ତି କ୍ଷତିଗ୍ରସ୍ତ। କୌଶଳକ୍ରମେ ସଂସ୍ଥାରେ କାମ କରୁଥିବା ମ୍ୟାନେଜରକୁ କାବୁ କରି ଇଓଡବ୍ଲୁର ଦ୍ୱାରସ୍ଥ ହୋଇଛନ୍ତି ଜମାକାରୀ। ଏହି ସଂସ୍ଥା ପକ୍ଷରୁ ପ୍ରଥମେ ନିବେଶକଙ୍କୁ ଲୋଭନୀୟ ଅଫର୍ ଦିଆଯାଇଥିଲା। ଲୋକେ ଲୋଭର ବଶବର୍ତ୍ତୀ ହୋଇ ଟଙ୍କା ମଧ୍ୟ ବିନିଯୋଗ କରିଥିଲେ। ଟଙ୍କା ନିବେଶ କରିବା ପରେ ବିଶ୍ୱାସ ଜନ୍ମାଇବା ପାଇଁ ପ୍ରଥମ କିଛି ମାସ ଠିକ ସମୟରେ ସଂସ୍ଥା ପକ୍ଷରୁ ଟଙ୍କା ଆସିଥିଲା। ହେଲେ ପରବର୍ତ୍ତୀ ସମୟରେ ମାଲିକ ଠାରୁ ଆରମ୍ଭ କରି ସମସ୍ତ କର୍ମଚାରୀ ଫେରାର ହୋଇଯାଇଥିଲେ। ଠକାମିର ଶିକାର ହୋଇଥିବା ଜାଣି ଏକାଧିକ ଜମାକାରୀ ଇଓଡବ୍ଲ୍ୟୁର ଦ୍ୱାରସ୍ଥ ହୋଇଥିଲେ।

## ବିଆଇଆଇଟିଏମ୍ ରୌପ୍ୟ ଜୟନ୍ତୀରେ ୯୦ ୟୁନିଟ୍ ରକ୍ତ ସଂଗ୍ରହ

**ଭୁବନେଶ୍ୱର, ୨୦।୨(ସମିସ):** ବିଜୁ ପଟ୍ଟନାୟକ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଆଇଟି ଆଣ୍ଡ ମ୍ୟାନେଜମେଣ୍ଟ ଷ୍ଟଡିଜ୍ (ବିଆଇଆଇଟିଏମ୍)ର ରୌପ୍ୟ ଜୟନ୍ତୀ ଅବସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ୟଙ୍ଗ ଇଣ୍ଡିଆ ସହଯୋଗରେ ଏହି ଶିବିରରେ ସମୁଦାୟ ୯୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି। ଏଥିରେ ବିପିୟୁଟି କୁଳପତି ପ୍ରଫେସର ଅମୀୟ ରଥ, ଆଇଆଇଟି ଖଡ଼ଗପୁର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ଦାମୋଦର ଆଚାର୍ଯ୍ୟ, ବିର୍ଲା ଗ୍ଲୋବାଲ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରେମେନ୍ଦୁ ପି. ମାଥୁର, ବିଆଇଆଇଟିଏମ୍ ଅଧ୍ୟକ୍ଷ ପ୍ରଫେସର ମିହିର ରଞ୍ଜନ ନାୟକ, ଡିନ୍ ଡ. ସୁରଜିତ୍ କର ଓ ଆଡଭାଇଜର ଏକାଡେମୀ ପ୍ରଫେସର ପିଆର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଛନ୍ତି। ଏହି ଅବସରରେ ରୌପ୍ୟ ଜୟନ୍ତୀ ସ୍ମରଣିକାକୁ ଅତିଥିମାନେ ଉନ୍ମୋଚନ କରିଛନ୍ତି। ଏହି ଅବସରରେ ଶିକ୍ଷାନୁଷ୍ଠାନ ପକ୍ଷରୁ ପ୍ରଫେସର ଦାମୋଦର ଆଚାର୍ଯ୍ୟ ଏବଂ ପଦ୍ମଶ୍ରୀ ଦିଲୀପ ତିର୍କିଙ୍କୁ 'ଅନନ୍ୟା ସମ୍ମାନ'ରେ ସମ୍ମାନିତ କରାଯାଇଛି। ଏହାସହ ଦଶ ବର୍ଷରୁ ଅଧିକ ସମୟ କାର୍ଯ୍ୟକରିଥିବା ଟ୍ରଷ୍ଟ ସଦସ୍ୟ, କର୍ପୋରେଟ୍ ଲିଡର, ସ୍ୱର୍ଣ୍ଣପଦକଧାରୀ ଆଲୁମିନି ଏବଂ କର୍ମଚାରୀଙ୍କୁ ସମ୍ମାନିତ କରାଯାଇଛି। ଦ୍ୱିତୀୟ ଦିନ ଅନୁଷ୍ଠିତ ସମ୍ମିଳନୀରେ ସିୱାଇଏସ୍‌ଡି ସହ ପ୍ରତିଷ୍ଠାତା ପଙ୍କଜ ସତୀଜା, କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସରଣଜିତ ସିଂ, ପ୍ରଫେସର ଆରଏନ ସୁବୁଦ୍ଧି ପ୍ରମୁଖ ଯୋଗଦେଇଛନ୍ତି।

# ଭୁବନେଶ୍ୱର ସିଟି



# ସ୍ମୃତିରେ ସ୍ମୃତିବନ

- ପିତୃପୁରୁଷଙ୍କୁ ମନେ ପକାଉଛି ବୃକ୍ଷ
- ପଥର ଲେଖାରେ ଆତ୍ମୀୟଙ୍କ ନାଁ
- ବର୍ତ୍ତମାନ ସୁଦ୍ଧା ଲାଗିଲାଣି ୧୧୭୬ ଗଛ
- ପ୍ରେମର ପ୍ରତୀକ ଶୁଭ ବାଟିକା

**ଭୁବନେଶ୍ୱର, ୨୦।୨(ସମିସ):**

ସ୍ମୃତି..., ସ୍ମୃତି କେତେବେଳେ ଶୀତ ସକାଳର କଅଁଳ ଖରା। ଆଉ କେବେ ଫିକା ବସନ୍ତର ଚିହ୍ନା ପତ୍ରଝରା। ସ୍ମୃତି ଅତୀତର, ଆତିଥ୍ୟର ପୁଣି କେବେ କାହା ଆବର୍ତ୍ତନର। ମାଟି ମଣିଷ ମାଟିରେ ମିଶିଯାଏ। ମଣିଷର ଉଷୁମ ଭାତ ହାଣ୍ଡିରେ ଆଉ ତାର ଭାଗ ନଥାଏ। ଦାବି ନଥାଏ କି ଦାୟିତ୍ୱ ବି ନଥାଏ। ହେଲେ ଆପଣାର ମଣିଷର ଉପସ୍ଥିତିକୁ ଝୁରୁଥାଏ ମନ। ତାରି ସ୍ମୃତିରେ ଆବେଗର ଚାରା ପୋତିଦିଏ ମଣିଷ। ସ୍ମୃତିରେ ସ୍ମୃତିରେ ଗଢ଼ିଉଠେ ସ୍ମୃତିବନ। ଯାହା ପିତୃପୁରୁଷଙ୍କ କଥା କହୁଛି। ପୂରା ପରିବେଶ ଅପରୂପ ସୌନ୍ଦର୍ଯ୍ୟରେ ମହକି ଉଠୁଛି। ପରଲୋକଗତ ପରିବାର ଲୋକଙ୍କ କେତେ ସରଳ ମଧୁର ସ୍ମୃତିକୁ ଧରି ରଖିଛି ଏ ସ୍ମୃତିବନ।

ରାଜଧାନୀରେ ଖଣ୍ଡଗିରି ଛକରୁ ମାତ୍ର ୩ କିଲୋମିଟର ଦୂର ୧୬ ନଂ ଜାତୀୟରାଜପଥରେ ପାତ୍ରପଡ଼ାରୁ ଖଣ୍ଡଗିରି ଆସିଲାବେଳେ ବାମପଟେ ରହିଛି ଏହି ସ୍ମୃତିବନ ବା ସ୍ମୃତିପୀଠ। ଏହି ସ୍ମୃତିବନ ଜଙ୍ଗଲ ବିଭାଗ ଦ୍ୱାରା ୨୦୧୪ ମସିହାରେ ପ୍ରତିଷ୍ଠା କରାଯାଇଥିଲା। ଏହା ଭୁବନେଶ୍ୱର ବନାଞ୍ଚଳ ଅଧୀନରେ ରହିଛି। ସ୍ମୃତିବନ ଭଳି ନିଆରା ପ୍ରୟାସ ପଛର କାରଣ ପରିବେଶ ସୁରକ୍ଷା। ଏହା ଦ୍ୱାରା ସ୍ମୃତିକୁ ବଞ୍ଚାଇ ରଖିବା ସହ ପରିବେଶ ସନ୍ତୁଳନରେ ସାହାଯ୍ୟ କରିବ। ୨୦୧୪ ମସିହାରେ ଏହି ପ୍ରୟାସ ପ୍ରାରମ୍ଭରେ ଗୋଟିଏ ବୃକ୍ଷ ରୋପଣରୁ ଆରମ୍ଭ ହୋଇଥିଲା। ଯାହା ଏବେ ବଢ଼ି ୧୧୭୬ରେ ପହଞ୍ଚିଛି। ୧୭ ଏକର ଜମିରେ ନିର୍ମିତ ହୋଇଛି ଏହି ସ୍ମୃତିବନ। ଏଠାରେ ପିତୃପୁରୁଷଙ୍କ ପାଇଁ ନିର୍ମିତ ହୋଇଥାଏ ପିଣ୍ଡି ଯେଉଁଥିରେ କାହା ଉଦ୍ଦେଶ୍ୟରେ ଏବଂ କିଏ ଗଛ ଲଗାଉଛି ତାଙ୍କ ନାମ ଖୋଦିତ କରାଯାଇ ସବୁଦିନ ପାଇଁ ସାଇତି ରଖାଯାଏ। ସେହି ପିଣ୍ଡି ପାଖରେ ଗଛଟିଏ ଲଗାଯାଏ। ଯେଉଁମାନେ ଏଠାରେ ଗଛ ଲଗାଇବାକୁ ଚାହିଁବେ ପ୍ରଥମେ ସ୍ମୃତିବନରୁ ଏକ ଫର୍ମରେ ନିଜର ସମସ୍ତ ତଥ୍ୟ ଦେବାକୁ ପଡ଼ିବ। ଯେଉଁଠି ଲୋକ ତାଙ୍କ ନାମ, ଠିକଣା, କାହା ଉଦ୍ଦେଶ୍ୟରେ ଲଗାଉଛନ୍ତି ଆଦି ତଥ୍ୟ ଥାଏ। ଏହା ସହିତ ତାଙ୍କୁ ବନ ବିଭାଗକୁ ୮ ହଜାର ଟଙ୍କା ପୈଠ କରିବାକୁ ପଡ଼ିଥାଏ। କାରଣ ଗଛ ଓ ନାମ ଫଳକ ବନ ବିଭାଗ ଦ୍ୱାରା ହିଁ ଦିଆଯାଇଥାଏ। ନିମ୍ବ, ବଉଳ, ରକ୍ତ ଚନ୍ଦନ ଏବଂ ଅଶୋକ ଆଦି ୪ ପ୍ରକାର ଗଛ ଲଗାଇବା ପାଇଁ ଅନୁମତି ରହିଛି। ଯାହା ବନ ବିଭାଗ ହିଁ ଦେଇଥାଏ। ଏହି ଗଛଗୁଡ଼ିକର ରକ୍ଷଣାବେକ୍ଷଣ ପାଇଁ ପାଖାପାଖି ୧୭ଜଣ କର୍ମଚାରୀ ରହିଛନ୍ତି। ସେହି ସ୍ମୃତିବନର ସବୁ ଗଛକୁ ପାଣି ଦେବା, ଯତ୍ନ ନେବା ଆଦି କାମ କରିଥାନ୍ତି। ଯେଉଁମାନେ ଏଠାରେ ଗଛ ଲଗାଉଛନ୍ତି ସେମାନଙ୍କୁ ସ୍ମୃତିବନରେ ଆସି ସମୟ ବିତାଇବାକୁ ଅନୁମତି ରହିଥାଏ। ଏହା ବ୍ୟତୀତ ସ୍କୁଲଗୁଡ଼ିକ ମଧ୍ୟ ବନ ବିଭାଗରୁ ଅନୁମତି ଆଣି ପିଲାଙ୍କୁ ଏହା ଭିତରକୁ ଆଣି ବୁଲାଉଥିବା ସ୍ମୃତିବନର ଦାୟିତ୍ୱ ନିର୍ବାହ ଅଧିକାରୀ ବିଶ୍ୱରଞ୍ଜନ ସାହୁ କହିଛନ୍ତି। ଓଡ଼ିଶାରେ 'ସ୍ମୃତିବନ' ଏକମାତ୍ର ଓ ପ୍ରଥମ ପରିକଳ୍ପନା ବୋଲି କୁହାଯାଉଛି। ଏହି ଅଭିନବ ପ୍ରୟାସକୁ ନେଇ ଭୁବନେଶ୍ୱର ବନାଞ୍ଚଳ ଅଧିକାରୀ ମାନସ ରଞ୍ଜନ ମହାନ୍ତି କୁହନ୍ତି ପରିବାରବର୍ଗଙ୍କ ସ୍ମୃତିରେ ଲୋକ ଗଛ ଲଗାଇବା ସହ ପରିବେଶ ପ୍ରତି ନିଜର କିଛି ଅବଦାନ ରଖିବା ଆବଶ୍ୟକ। ଯାହା ଚିରକାଳ ପାଇଁ ସାଇତି ହୋଇ ରହିବା ସହ ପରିବାର ଲୋକଙ୍କ ସ୍ମୃତି ମଧ୍ୟ ସବୁଦିନ ପଥରରେ ଖୋଳା ହୋଇ ରହିବ। ଲୋକ ଆଗେଇ ଆସି ନିଜ ପରିବାର ଓ ପରିବେଶ ପାଇଁ ଏହି ପଦକ୍ଷେପ ନେବା ସହ ଏହି ଉଦ୍ଦେଶ୍ୟକୁ ବୁଝିବା ଉଚିତ ବୋଲି କହିଛନ୍ତି।






## ସ୍ମୃତି ବାଟିକା ଓ ଶୁଭ ବାଟିକା

ଏହି ସ୍ମୃତିବନକୁ ଦୁଇ ଭାଗରେ ବିଭକ୍ତ କରାଯାଇଛି। ପ୍ରଥମଟି ହେଲା ସ୍ମୃତି ବାଟିକା ଓ ଅନ୍ୟଟି ଶୁଭ ବାଟିକା। ସ୍ମୃତି ବାଟିକାରେ ଲୋକ କେବଳ ନିଜ ପିତୃପୁରୁଷଙ୍କୁ ମନେ ପକାଇବା ଉଦ୍ଦେଶ୍ୟରେ ଗଛ ଲଗାଇଥାନ୍ତି। କିନ୍ତୁ ଶୁଭ ବାଟିକାରେ ଲୋକ ନିଜର ଏକ ଶୁଭ ଦିନ, ଅର୍ଥାତ୍ ଜନ୍ମଦିନ, ବାହାଘର ଆଦି ଭଲ ଭଲ ଦିନକୁ ମନେ ପକାଇବାକୁ ଗଛ ଲଗାଇଥାନ୍ତି। ଯାହା ନିଜ ପ୍ରିୟଜନଙ୍କ ପାଇଁ ପ୍ରେମ ଓ ଭଲପାଇବାର ପ୍ରତୀକ ଭାବେ ଉଦ୍ଦିଷ୍ଟ।

## ୩ ଆଇଆଇସିଙ୍କୁ ବାରଙ୍ଗ ପ୍ରେସ୍‌କ୍ଲବ୍ ପକ୍ଷରୁ ଶୁଭେଚ୍ଛା

**ନନ୍ଦନକାନନ, ୨୦।୨(ସମିସ):** ବାରଙ୍ଗ ପ୍ରେସକ୍ଲବ୍ ସଦସ୍ୟମାନେ ନନ୍ଦନକାନନ, ବାରଙ୍ଗ ଓ ଚନ୍ଦକା ଥାନାରେ ନୂଆକରି ଯୋଗଦେଇଥିବା ଅଧିକାରୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିବା ସହ ଶୁଭେଚ୍ଛା ଜଣାଇଥିଲେ। ଖବରଦାତା ଓ ପୁଲିସ ସହ ସୁସମ୍ପର୍କ କିପରି ସୁଦୃଢ଼ ହୋଇପାରିବ ସେଥିପାଇଁ ଆଲୋଚନା କରାଯାଇଥିଲା। ନନ୍ଦନକାନନ ଆଇଆଇସି ସମିତା ମିଶ୍ର, ବାରଙ୍ଗ ଆଇଆଇସି ବିଶ୍ୱରଞ୍ଜନ ନାୟକ, ଚନ୍ଦକା ଆଇଆଇସି ପ୍ରଦୀପ କୁମାର ଜେନାଙ୍କୁ ସେମାନଙ୍କ ଥାନା ଅଧୀନସ୍ଥ ବିଭିନ୍ନ ଗ୍ରାମରେ ଥିବା ସମସ୍ୟା ଓ ପୁଲିସ ଭୂମିକାର ଆବଶ୍ୟକତାକୁ ନେଇ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏଥିରେ କ୍ଲବ୍ ସଭାପତି ଲିଙ୍ଗରାଜ ରାଉତ, ପ୍ରଦୀପ କୁମାର ସ୍ୱାଇଁ, କୃଷ୍ଣଚନ୍ଦ୍ର ସ୍ୱାଇଁ, କମଳାକାନ୍ତ ନାୟକ, ଦୁଷ୍ମନ୍ତ କୁମାର ଜେନା, ତାପସ ଜେନା, ପ୍ରକାଶଚନ୍ଦ୍ର ସାହୁ, ଦେବେନ୍ଦ୍ର ସାହୁ, ଗୌତମ ରାଉତ, ଅନନ୍ତ ସ୍ୱାଇଁ, ଜିତେନ୍ଦ୍ର ସାସମଲ୍ ପ୍ରମୁଖ ଉପସ୍ଥିତ ଥିଲେ।

## ମହିଳା ଦିବସରେ ଆସିବ 'ତ୍ରିକନ୍ୟା'

**ଭୁବନେଶ୍ୱର, ୨୦।୨(ସମିସ):** ଗ୍ୟାଙ୍ଗସ୍ ଅଫ ପୁରୀ ଏବଂ ବାସ୍ତବଧର୍ମୀ ଚଳଚ୍ଚିତ୍ର ପ୍ରତୀକ୍ଷା ବେଶ ଦର୍ଶକୀୟ ଆଦୃତି ସାଉଁଟିବା ପରେ ଅମୀୟ ପଟ୍ଟନାୟକ ପ୍ରଡକସନ୍ସ ଓ ଟେକ୍ନୋ ଆର୍ଟ୍ସ ବ୍ୟାନର୍‌ରେ ନିର୍ଦ୍ଦେଶକ ଅନୁପମ ପଟ୍ଟନାୟକ ନିର୍ମାଣ କରିଛନ୍ତି ଆଉ ଏକ ନୂଆ ଓଡ଼ିଆ ଚଳଚ୍ଚିତ୍ର 'ତ୍ରିକନ୍ୟା'। ବିଶ୍ୱ ମହିଳା ଦିବସ ଉପଲକ୍ଷେ ତ୍ରିକନ୍ୟା ମୁକ୍ତିଲାଭ କରିବା ପାଇଁ ସ୍ଥିର ହୋଇଥିବାବେଳେ ମଙ୍ଗଳବାର ସ୍ଥାନୀୟ ଏକ ହୋଟେଲରେ 'ତ୍ରିକନ୍ୟା'ର ଟ୍ରେଲର୍ ରିଲିଜ୍ ହୋଇଛି। ଟ୍ରେଲର୍ ରିଲିଜ୍ ଅବସରରେ ଉପଦେଷ୍ଟା ସୀମା ପଟ୍ଟନାୟକ, ପ୍ରଯୋଜକ ତଥା ନିର୍ଦ୍ଦେଶକ ଅନୁପମ ପଟ୍ଟନାୟକ, ସହ ପ୍ରଯୋଜିକା ତଥା ଅଭିନେତ୍ରୀ ବର୍ଷା ପଟ୍ଟନାୟକ, ଲେଖକ ମାନସ ପଡ଼ିଆରୀ, ଗୀତିକାର ସ୍ମିତ ପଟ୍ଟନାୟକ, ଅଭିନେତା ସୁକାନ୍ତ ରଥ, ପାର୍ଥ ସାରଥୀ, ନିଶାନ୍ତ ମାଜିଥିଆ, ଅମନ, ଅଭିନେତ୍ରୀ ଶ୍ରଦ୍ଧା ପାଣିଗ୍ରାହୀ, ନିଭି, ପ୍ରମୁଖ ଉପସ୍ଥିତ ଥିଲେ। ତେବେ ଭିନ୍ନ ଭିନ୍ନ ପରିସ୍ଥିତି ଆଉ ପରିବେଶରୁ ଆସିଥିବା ତିନି ଜଣ ମହିଳା କିପରି ବିଭିନ୍ନ ପ୍ରକାରର କଠିନ ସମସ୍ୟାର ସମାଧାନ କରୁଛନ୍ତି ତାହାକୁ ନେଇ ସିନେମାର କାହାଣୀ। ସିନେମାର କାହାଣୀଟି ମାନସ ପଡ଼ିଆରୀ ରଚନା କରିଥିବାବେଳେ ଗୀତ ରଚନା କରିଛନ୍ତି କପିଳେଶ୍ୱର ରାଉତ, ସ୍ମିତ ପଟ୍ଟନାୟକ ଓ ସୁମିତ ପଣ୍ଡା। ସେହିପରି ଶ୍ରୀକାନ୍ତ ପଣ୍ଡା ଓ ଅନୁରାଗ ପଟ୍ଟନାୟକ ମିଳିତ ଭାବେସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି। ଏଥିରେ ତିନିଟି ଗୀତ ରହିଥିବାବେଳେ କଣ୍ଠଦାନ କରିଛନ୍ତି କୁଳଦୀପ ପଟ୍ଟନାୟକ, ଡି. ଅଭିଷେକ, ସଞ୍ଚିତା, ଅବିନାଶ ଦାଶ ଓ ଅନ୍ତରା ଚକ୍ରବର୍ତ୍ତୀ ପ୍ରମୁଖ କଣ୍ଠଶିଳ୍ପୀ। ଆସନ୍ତା ବିଶ୍ୱ ମହିଳା ଦିବସ ମାର୍ଚ୍ଚ ୮ ତାରିଖରେ ସିନେମାଟି ମୁକ୍ତିଲାଭ କରିବ ବୋଲି ପ୍ରଚାର ପ୍ରସାର ଦାୟିତ୍ୱରେ ଥିବା ମିଡିଆ ପ୍ଲାନର କ୍ରିଏଟିଭ ହେଡ୍ ପ୍ରଣୟ ଜେଠୀ କହିଛନ୍ତି।



## ନିଖିଳ ଉତ୍କଳ ଏଲିମେଣ୍ଟାରୀ ଟିଜି ଶିକ୍ଷକ ସଂଘର ପୁନର୍ଗଠନ

**ଭୁବନେଶ୍ୱର, ୨୦।୨(ସମିସ):** ନିଖିଳ ଉତ୍କଳ ଏଲିମେଣ୍ଟାରୀ ଟିଜି ଶିକ୍ଷକ ସଂଘର ସପ୍ତମ ସାମ୍ବିଧାନିକ ସମ୍ମିଳନୀ ଓ ଚାଣକ୍ୟ ସମ୍ବର୍ଦ୍ଧନା ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ସଂଘର ବିଦାୟୀ ସଭାପତି ଲକ୍ଷ୍ମଣ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅବସର ନେଇଥିବା ପ୍ରାୟ ୭୦ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ 'ଚାଣକ୍ୟ ସମ୍ମାନ'ରେ ସମ୍ବର୍ଦ୍ଧିତ କରାଯାଇଛି। ଏହାସହ ସଂଘର ପୁନର୍ଗଠନ ମଧ୍ୟ କରାଯାଇଛି। ଏଥିରେ ରାଜ୍ୟସଭାପତି ଭାବେ ଜାକିର ହୁସେନ୍ ଓ ରାଜ୍ୟ ସାଧାରଣ ସମ୍ପାଦକ ଭାବେ ସରୋଜ କୁମାର ପଣ୍ଡା ନିର୍ବାଚିତ ହୋଇଛନ୍ତି। ସାହିପରି କାର୍ଯ୍ୟକାରୀ ସଭାପତି ଭାବେ ଉର୍ମିଳା ରାଣୀ ପାଣିଗ୍ରାହୀ ଓ ସର୍ବେଶ୍ୱର ମଲ୍ଲିକ, ଉପସଭାପତି ଭାବରେ ଶ୍ରୀଗୁରୁ ପ୍ରସାଦ ଦାଶ, ବିଶ୍ୱନାଥ ରଣା, କମଳାକାନ୍ତ ଦାସ, ପୂର୍ଣ୍ଣଚନ୍ଦ୍ର ଜେନା, ସମ୍ପାଦକ ଭାବେ ନମିତା ମହାପାତ୍ର, ଅଞ୍ଜନ କୁମାର ରାଉତରାୟ, ମନୋଜ କୁମାର ଚକ୍ର, ନିରଞ୍ଜନ ପଣ୍ଡା, ଜୋନାଲ୍ ସମ୍ପାଦକ ଭାବେ ଯୁଧିଷ୍ଠିର ମହନ୍ତ, ବୀରେନ୍ଦ୍ର କୁମାର ସାହୁ, ସହ ସମ୍ପାଦକ ଭାବରେ ସୁଦର୍ଶନ ହରିଜନ ଏବଂ ମୁଖ୍ୟ ପରାମର୍ଶଦାତା ଭାବେ ସଂଘର ପ୍ରତିଷ୍ଠାତା ଲକ୍ଷ୍ମଣ କୁମାର ମହାନ୍ତି, ମୁରଲୀଧର ନାୟକ, ସନ୍ତୋଷ ମିଶ୍ର, ସତ୍ୟବ୍ରତ ରାଉତ, ସଚିକାନ୍ତ ମିଶ୍ର, ବଳରାମ ପତି, ଇନ୍ଦ୍ରଜିତ୍ ମହାକୁଡ, ଅକ୍ଷୟ କୁମାର ମିଶ୍ର, ପ୍ରଫୁଲ୍ଲ କୁମାର ଚକ୍ର, ଅଭିମନ୍ୟୁ ସାହୁ ପ୍ରମୁଖ ମନୋନୀତ ହୋଇଛନ୍ତି।

## ସର୍ଭେ ଅଫ୍ ଇଣ୍ଡିଆ ତରଫରୁ ସ୍ୱଚ୍ଛ ଭାରତ ଅଭିଯାନ

**ବଡରଘୁନାଥପୁର, ୨୦।୨(ସମିସ):** ଭୁବନେଶ୍ୱର ଉପକଣ୍ଠ ମଦନପୁର ପଞ୍ଚାୟତର ବଡ଼ରଘୁନାଥପୁର ଗ୍ରାମର ପଦ୍ମ ଗାଡିଆରେ ଭାରତ ସରକାରଙ୍କ ସ୍ୱଚ୍ଛ ଭାରତ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ସର୍ଭେ ଅଫ ଇଣ୍ଡିଆ ତରଫରୁ ସ୍ୱଚ୍ଛ ଭାରତ ଅଭିଯାନରେ ମଦନପୁର ଗ୍ରାମପଞ୍ଚାୟତର ସରପଞ୍ଚ ରଶ୍ମି ରଞ୍ଜନ ବେହେରା ଓ ନାଏବ ସରପଞ୍ଚ ଶିବ ଶଙ୍କର ବେହେରା ବଡରଘୁନାଥପୁର ଗ୍ରାମର କିଛି ବୟୋଜ୍ୟେଷ୍ଠ ଏବଂ ଯୁବକମାନେ ସାମିଲ ହୋଇଥିଲେ।



## ପୁସ୍ତକ 'କୃଷି ଗବେଷଣାରେ ସାମ୍ପ୍ରତିକ ବିକାଶ' ଉନ୍ମୋଚିତ

**ଭୁବନେଶ୍ୱର, ୨୦।୨(ସମିସ):** କୃଷି ଏବଂ ଏହାର ସହଯୋଗୀ କ୍ଷେତ୍ରରେ ଗବେଷଣା ଓ ସାମ୍ପ୍ରତିକ ବିକାଶକୁ ନେଇ 'ଫୁଡ୍ ଆଣ୍ଡ ଲାଇଭ୍‌ଲିହୁଡ୍ ଚ୍ୟାଲେଞ୍ଜେସ୍ ଆଣ୍ଡ ଅପର୍ଚୁନିଟିଜ୍' ଶୀର୍ଷକ ଏକ ପୁସ୍ତକ ମଙ୍ଗଳବାର ସୋଆର ପ୍ରତିଷ୍ଠାତା ସଭାପତି ପ୍ରଫେସର (ଡକ୍ଟର) ମନୋଜରଞ୍ଜନ ନାୟକଙ୍କ ଦ୍ୱାରା ଉନ୍ମୋଚିତ ହୋଇଯାଇଛି। ପୁସ୍ତକଟି ମିଳିତ ଭାବରେ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ଏବଂ ନୂଆଦିଲ୍ଲୀର ନିପା ଜେନ୍‌ଏକ୍ସ ଇଲେକ୍ଟ୍ରୋନିକ୍ ରିସୋର୍ସେସ୍ ଆଣ୍ଡ ସଲ୍ୟୁସନ୍‌ସ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ପ୍ରକାଶିତ କରାଯାଇଛି। ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲ୍‌ଚରାଲ୍ ସାଇନ୍‌ସେସ୍ (ଆଇଏଏସ୍)ର ଏହି ପୁସ୍ତକ ହେଉଛି ପ୍ରଥମ ବୈଷୟିକ ପ୍ରକାଶନ। ଏହି ପୁସ୍ତକରେ ବିଭିନ୍ନ ଜାତୀୟ ଗବେଷଣା ଅନୁଷ୍ଠାନ ସମେତ ଇଣ୍ଡିଆନ୍ କାଉନ୍‌ସିଲ୍ ଫର୍ ଏଗ୍ରିକଲ୍‌ଚରାଲ୍ ରିସର୍ଚ୍ଚ (ଆଇସିଏଆର୍)ର ଖ୍ୟାତିସମ୍ପନ୍ନ ଲେଖକମାନେ ସେମାନଙ୍କ ନିଜ କ୍ଷେତ୍ରରେ ହୋଇଥିବା ଅଗ୍ରଗତି ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଛନ୍ତି। ପୁସ୍ତକ ଉନ୍ମୋଚନ ସମୟରେ ସୋଆ କୁଳପତି ପ୍ରଫେସର ପ୍ରଦୀପ କୁମାର ନନ୍ଦ, ଆଇଏଏସ୍‌ର ଡିନ୍ ପ୍ରଫେସର ସନ୍ତୋଷ କୁମାର ରାଉତ, ଆଇଏଏସ୍ ଉପଦେଷ୍ଟା ପ୍ରଫେସର ବିଜୟ କୁମାର ସାହୁ ଏବଂ ଆଇଏଏସ୍‌ର ପ୍ରଫେସର ଏନ୍.କେ ଧଳ ଓ ପ୍ରଫେସର ସରୋଜ କୁମାର ମହାନ୍ତି ଉପସ୍ଥିତ ଥିଲେ।



## 'ଉଡ୍ର' ଚାରିଟେବୁଲ୍ ଟ୍ରଷ୍ଟର ବାର୍ଷିକୋତ୍ସବ

**ଭୁବନେଶ୍ୱର, ୨୦।୨(ସମିସ):** ଭୁବନେଶ୍ୱର ଜୟଦେବ ବିହାରସ୍ଥିତ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ରିସର୍ଚ୍ଚ ସେଣ୍ଟରଠାରେ 'ଉଡ୍ର' ଚାରିଟେବୁଲ୍ ଟ୍ରଷ୍ଟର ସପ୍ତମ ବାର୍ଷିକ ଉତ୍ସବ ମଙ୍ଗଳବାର ପାଳିତ ହୋଇଯାଇଛି। ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରାଯାଇ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରାଯାଇଥିଲା। ଉତ୍ସବରେ ସ୍ୱେଚ୍ଛାସେବୀ ସଂଗଠନ କ୍ଲବ୍ ଦି ୟୁଥ୍ ମାସ୍, ଆମେ ବିପଦର ସାଥୀ, ସ୍ମାଇଲ୍ ଫାଉଣ୍ଡେସନ୍, ଆମେ ଆପଣଙ୍କ ପାଇଁ, ହେଲପିଙ୍ଗ ଗ୍ରୁପ୍ ଓ ପ୍ରଦୀପ ସେବା ଟ୍ରଷ୍ଟ୍‌କୁ ଆଦି ଅନୁଷ୍ଠାନକୁ 'ଉଡ୍ର' ଗୌରବ ସମ୍ମାନରେ ସମ୍ମାନିତ କରାଯାଇଥିଲା। ସେହିପରି ବିଭିନ୍ନ କ୍ଷେତ୍ରରେ ସଫଳ ଅର୍ଜନ କରିଥିବା ବ୍ୟକ୍ତିବିଶେଷଙ୍କୁ ଉଡ୍ର ଗୌରବ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଉଦ୍‌ଘାଟକଭାବେ ମନ୍ତ୍ରୀ ଅଶୋକ କୁମାର ପଣ୍ଡା, ମୁଖ୍ୟ ଅତିଥିଭାବେ ମୋ ସ୍କୁଲ ଅଭିଯାନର ଅଧ୍ୟକ୍ଷା ସୁସ୍ମିତା ବାଗ୍‌ଚୀ, ମୁଖ୍ୟବକ୍ତା ବିଷ୍ଣୁପଦ ସେଠୀ, ସମ୍ମାନିତ ଅତିଥି ଭାବେ ସାହିତ୍ୟିକ ମାୟାଧର ନାୟକ, 'ଉଡ୍ର' ଚାରିଟେବୁଲ୍ ଟ୍ରଷ୍ଟର ମୁଖ୍ୟ ପରାମର୍ଶଦାତା ତଥା 'ମୋ କଲେଜ' ଅଧ୍ୟକ୍ଷ ଆକାଶ ଦାସନାୟକ, 'ଉଡ୍ର' ଚାରିଟେବୁଲ ଟ୍ରଷ୍ଟର ସମ୍ପାଦିକା ଶୁଭ୍ରାଜ୍ୟୋତି ଦାସନାୟକ ପ୍ରମୁଖ 'ଉଡ୍ର'ର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।



## 'ସାତକଡ଼ି ହୋତାଙ୍କ ଲେଖନୀରେ ସମାଜର ସବୁଦିଗ ପ୍ରତିଫଳିତ'

**ଭୁବନେଶ୍ୱର, ୨୦।୨(ସମିସ):** ସାତକଡ଼ି ହୋତା ଥିଲେ ଜଣେ ସାରସ୍ୱତୀ ସବ୍ୟସାଚୀ। ଜୀବନକାଳରେ ତାଙ୍କର ଲେଖନୀରୁ ପ୍ରକାଶିତ ହୋଇଛି ୨୬ଟି ଗଳ୍ପ ସଂକଳନ, ୧୯ଟି ଉପନ୍ୟାସ, ୨ଟି ଭ୍ରମଣ କାହାଣୀ, ୫ଟି ପ୍ରବନ୍ଧ ସଂକଳନ, ୨ଟି କବିତା ସଂକଳନ, ୩ଟି ଜୀବନୀ ପୁସ୍ତକ ଓ ୪ଟି ଅନୁବାଦ ସଂକଳନ। ଏହାସହ ତାଙ୍କ ରଚନାରୁ ୪ଟି ହିନ୍ଦୀ ଭାଷାରେ ଅନୁବାଦ ହୋଇଛି। ଏହି ୭୦ ଖଣ୍ଡ ପୁସ୍ତକରେ ସେ ସମାଜର ବିଭିନ୍ନବର୍ଗର ମଣିଷମାନଙ୍କ କଥା ଉଲ୍ଲେଖ କରିଛନ୍ତି। 'ଓଡ଼ିଶା ଲେଖକ ସମବାୟ ସମିତି' ପକ୍ଷରୁ ଆୟୋଜିତ ସଭାରେ ବକ୍ତାମାନେ ଆଜି ଏହା କହିଥିଲେ। କାର୍ଯ୍ୟକାରୀ ସଭାପତି ପୀତବାସ ରାଉତରାୟଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସାତକଡ଼ି ହୋତାଙ୍କ ଗଳ୍ପ, କବିତା, ଭ୍ରମଣ କାହାଣୀ ଓ ଉପନ୍ୟାସର କିଛି ଅଂଶ ପଠନ କରାଯାଇ ତାଙ୍କର ଲେଖନୀରେ ଥିବା କାହାଣୀ ଓ ଶୈଳୀ ଉପରେ ଆଲୋଚନା କରାଯାଇଥିଲା। ସାତକଡ଼ି ହୋତାଙ୍କ ଜୀବନ ଦର୍ଶନ ଥିଲା ସମାଜର ଥିବା ଲୋକମାନଙ୍କ ମଧ୍ୟରେ ନିଜକୁ ହଜାଇ ଦେବାର ପ୍ରଚେଷ୍ଟା। ଆଉ ସେମାନଙ୍କର ଦୁଃଖସୁଖର କାହାଣୀକୁ ବୃହତ୍ତର ସମାଜର ମଙ୍ଗଳ ପାଇଁ ପ୍ରକାଶ କରିବାର ଅଭିପ୍ରାୟ। ତାଙ୍କ ରଚନାରେ ମଧ୍ୟ ରହିଛି ଭାରତୀୟ ସ୍ୱାଧୀନତା ସଂଗ୍ରାମର କାହାଣୀ, ନକ୍ସଲମାନଙ୍କର ସଂଗ୍ରାମର କାହାଣୀ ଏପରିକି ସାମାଜିକ ସ୍ତରରେ ସାଧାରଣ ମଣିଷ ଓ ଆଦିବାସୀମାନଙ୍କର ଜୀବନ କାହାଣୀ। ରେଳବାଇରେ ୩୩ ବର୍ଷ ଧରି କାର୍ଯ୍ୟକରିଥିବାରୁ ବହୁ ଗଳ୍ପ ରେଳ କର୍ମଚାରୀ ଓ ରେଳଯାତ୍ରୀଙ୍କୁ ନେଇ ସାର୍ଥକ ଗଳ୍ପ ରଚନା କରିଛନ୍ତି। ତାଙ୍କ ଆତ୍ମଜୀବନୀରେ ବହୁ ଘାତ ପ୍ରତିଘାତ ସହି ସେ କିପରି ଜଣେ ସଫଳ ପ୍ରଶାସକ ଓ ସାହିତ୍ୟିକ ହୋଇଛନ୍ତି। ସେ ବିଷୟରେ ମଧ୍ୟ ଆଲୋଚନା ହୋଇଥିଲା। ସଭାରେ ସ୍ୱର୍ଗତ ହୋତାଙ୍କୁ ସାହିତ୍ୟର ସବୁ ବିଭାଗରେ ଲେଖନୀ ଚାଳନା କରି ସଫଳ ହୋଇଥିବାରୁ ଭୀଷ୍ମ ପିତାମହ ଆଖ୍ୟା ଦିଆଯାଇଥିଲା। ସଭାରେ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ପ୍ରଫେସର ଡ. ଶରତ ଚନ୍ଦ୍ର ରଥ, ଡାକ୍ତର ଅଶୋକ କୁମାର ମହାପାତ୍ର, ଜଗନ୍ନାଥ ସଂସ୍କୃତି ଗବେଷକ ଅସିତ ମହାନ୍ତି, ସାହିତ୍ୟିକା ଆରତି କର, ବାସନ୍ତୀ ତ୍ରିପାଠୀ, ବ୍ରଜେଶ୍ୱରୀ ସିଂହ, ଡ. ବିମଳା ସିଂ, ମିନତୀ ଷଡ଼ଙ୍ଗୀ, ନିଶାକର ରାଉତ, ବିରଜା ପ୍ରସାଦ ଶତପଥୀ, ଶୁଭ୍ରାଂଶୁ ସୂତାର, ଶ୍ରୀବାସ ପ୍ରସାଦ ମହାପାତ୍ର ଅଂଶଗ୍ରହଣ କରିଥିଲେ। 'ଲେଖକ ସମବାୟ ସମିତି'ର ସମ୍ପାଦକ ରାଜେନ୍ଦ୍ର ମହାନ୍ତି ସ୍ୱାଗତ ଭାଷଣ ଦେଇଥବାବେଳେ ଉପ-ସଭାପତି ଡ. ପ୍ରେମଲତା ଦେବୀ ଆଲୋଚନାର ସମୀକ୍ଷା କରିଥିଲେ। ଶେଷରେ ପରିଚାଳକ ରମାକାନ୍ତ ମିଶ୍ର ଧନ୍ୟବାଦ ଦେଇଥିଲେ।




### 'ନୂଆ-ଓ ଛାତ୍ରବୃତ୍ତି' ଘୋଷଣା ପରେ ରମାଦେବୀ ବିସିଜେଡି ଛାତ୍ରୀ ଉତ୍ସାହିତ

## ମୁଖ୍ୟମନ୍ତ୍ରୀ ଓ '୫-ଟି' ଅଧ୍ୟକ୍ଷଙ୍କୁ କ୍ୟାମ୍ପସ୍ କମିଟିର ଧନ୍ୟବାଦ

**ଭୁବନେଶ୍ୱର, ୨୦।୨(ସମିସ):** ସ୍ନାତକ ଓ ସ୍ନାତକୋତ୍ତର ଛାତ୍ରଛାତ୍ରୀଙ୍କ ପାଇଁ 'ନୂଆ-ଓ ଛାତ୍ରବୃତ୍ତି' ଘୋଷଣା ହେବାପରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି। ମଙ୍ଗଳବାର ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ବିଜୁ ଛାତ୍ର ଜନତା ଦଳ କ୍ୟାମ୍ପସ୍ କମିଟି ପକ୍ଷରୁ ଏହି ଯୋଜନା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ଧନ୍ୟବାଦ ଦିଆଯାଇଛି। ବିଶ୍ୱବିଦ୍ୟାଳୟ ଫାଟକ ନିକଟରେ ବହୁ ସଂଖ୍ୟାରେ ଛାତ୍ରୀ ଏକତ୍ରିତ ହୋଇ ଧନ୍ୟବାଦ ଜଣାଇଛନ୍ତି। ବିଶ୍ୱବିଦ୍ୟାଳୟର ପୂର୍ବତନ ଛାତ୍ର ସଂସଦ ସଭାନେତ୍ରୀ ଇପ୍‌ସିତା ସାହୁ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଛାତ୍ରଛାତ୍ରୀଙ୍କ ପାଇଁ ସରକରଙ୍କ ଏହା ଏକ ଅନନ୍ୟ ଯୋଜନା ବୋଲି କହିଛନ୍ତି। ଅର୍ଥ ଅଭାବରୁ ଆଉ କେହି ପାଠଛାଡ଼ିବେ ନାହିଁ ଓ ପଢ଼ିବାକୁ ଏହି ଯୋଜନା ଉତ୍ସାହିତ କରିବ ବୋଲି କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଫତିମା ଖାତୁନ, ଦୀପିକା ବାରିକ, ଲିଜା ମଲ୍ଲିକ, ଲକ୍ଷ୍ମୀପ୍ରିୟା ବିଶ୍ୱାଳ, ଦୀପ୍ତିମୟୀ ରଣା, ସୋନୁ ସାହୁ, ଅଙ୍କିତା ମଲ୍ଲିକଙ୍କ ସହ ବହୁ ଛାତ୍ରୀ ସାମିଲ ହୋଇ ଶିକ୍ଷା ଓ ଶିକ୍ଷାର୍ଥୀଙ୍କ ବିକାଶରେ ଏହି ଯୋଜନା ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ଏହି ଯୋଜନାରେ ସ୍ନାତକ ଓ ସ୍ନାତକୋତ୍ତର ପଢୁଥିବା ଛାତ୍ରମାନଙ୍କୁ ବାର୍ଷିକ ୯ ହଜାର ଟଙ୍କା ଓ ଛାତ୍ରୀମାନଙ୍କୁ ୧୦ ହଜାର ଟଙ୍କାର ବୃତ୍ତିରାଶି ପ୍ରଦାନ କରାଯିବ। ସେହିପରି ଅନୁସୂଚିତ ଜାତି, ଜନଜାତି ତଥା ନିର୍ମାଣ ଶ୍ରମିକଙ୍କ ପୁଅମାନଙ୍କୁ ବାର୍ଷିକ ୧୦ହଜାର ଏବଂ ଝିଅମାନଙ୍କୁ ୧୧ ହଜାର ଟଙ୍କା ଛାତ୍ରବୃତ୍ତି ଦିଆଯିବ। ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ସମସ୍ତ ସରକାରୀ ବିଶ୍ୱବିଦ୍ୟାଳୟ, ସରକାରୀ ମହାବିଦ୍ୟାଳୟ ଓ ସରକାରୀ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟରେ ପଢୁଥିବା ଛାତ୍ରଛାତ୍ରୀ ଏହି ବୃତ୍ତିରାଶି ପାଇବେ। ଏହାସହ ସଂସ୍କୃତ ମହାବିଦ୍ୟାଳୟ ଏବଂ ସାମସ୍ ପୋର୍ଟାଲ ମାଧ୍ୟମରେ ନାମଲେଖାଉଥିବା ବେସରକାରୀ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ମଧ୍ୟ ଏହି ଯୋଜନାରେ ବୃତ୍ତିରାଶି ପ୍ରଦାନ କରାଯିବା। ସମସ୍ତ ଯୋଗ୍ୟ ଛାତ୍ରଛାତ୍ରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସିଧାସଳଖ ଏହି ଟଙ୍କା ପଠାଯିବ। ଚଳିତ ମାସ ଶେଷ ସୁଦ୍ଧା ବୃତ୍ତିରାଶି ଛାତ୍ରଛାତ୍ରୀଙ୍କ ଆକାଉଣ୍ଟକୁ ପଠାଇବାକୁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି।



